ନବ ଭୂଗୋଳ

ପ୍ରଥମ ଭାଗ

Digitized by PPRACHIN, SOA

ଓଡ଼ିଶା ଶିକ୍ଷାବିଭାଗର ୪।୧୨।୧୯୫୨ ତାରିଖର (G. O. No. 8311,
ପ୍ରାଥମିକ ସ୍କୁଲମାନଙ୍କ ପାଇଁ ଉଦ୍ଦିଷ୍ଟ ପରିବର୍ତ୍ତିତ ସିଲାବସ୍
ଅନୁଯାୟୀ ଲିଖିତ Teachers' Hand Book.

ମଧୁ-ଭୂଗୋଳ

ପ୍ରଥମ ଭାଗ

(ଚତୁର୍ଥ ଶ୍ରେଣୀ ନିମନ୍ତେ)

ଲେଖକ ଗଣ—

ଶ୍ରୀ ଲୋକନାଥ ନନ୍ଦ

ଶ୍ରୀ କାଶୀନାଥ ନାୟକ

ଶ୍ରୀ ବିଶ୍ୱନାଥ ନାୟକ

ଅଧ୍ୟାପକ ଶ୍ରୀଧର ଦାସ, ଏମ୍. ଏ, ଡି. ଇଡ୍.

ନୂତନ ସଂସ୍କରଣ

ପ୍ରକାଶକ

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ

ପୁସ୍ତକ ପ୍ରକାଶକ ଓ ବିକ୍ରେତା

ବ୍ରହ୍ମପୁର: କଟକ: ସମ୍ବଲପୁର

ମୂଲ୍ୟ ବାର ଅଣା   ଅତିରିକ୍ତ ଛଅ ଅଣା

Digitized by PPRACHIN, SOA

ଶିକ୍ଷାକ୍ଷେତ୍ରରେ ପୁଣି ବିପ୍ଳବ ସୃଷ୍ଟି କରି
ପ୍ରକାଶ ପାଇଲା

୧୯୫୨ ମସିହାର ପରିବର୍ତ୍ତିତ ସିଲବସ୍ ଅନୁଯାୟୀ ଲିଖିତ

ନବ ଇତିହାସ

ପ୍ରଥମ ଭାଗ — ଚତୁର୍ଥ ଶ୍ରେଣୀ ପାଇଁ ଃ୦୪୵

ଦ୍ୱିତୀୟ ଭାଗ — ପଞ୍ଚମ ଶ୍ରେଣୀ ପାଇଁ ଃ୦୫୵

ଲେଖକଗଣ—

ଶ୍ରୀ ଲୋକନାଥ ନନ୍ଦ — ଶ୍ରୀ କାଶୀନାଥ ନାୟକ

ଅଧ୍ୟାପକ ଶ୍ରୀଧର ଦାସ ଏମ୍. ଏ., ଡି. ଇଡ୍.

ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ବାସ୍ତବ ଅନୁଭୂତି ହାସଲ କରିଥିବା ଦୁଇ ଜଣ ପ୍ରବୀଣ ଶିକ୍ଷକ ଓ ଜଣେ ଭୂତପୂର୍ବ ହାଇସ୍କୁଲ ହେଡ୍‌ମାଷ୍ଟର ଏବଂ ଜଣେ ଭୂଗୋଳବିତ୍ ଅଧ୍ୟାପକଙ୍କ ସମୂହ ଚେଷ୍ଟାରେ ଏ ବହି ଦୁଇଟି ଠିକ୍ ସିଲବସ୍ ଅନୁଯାୟୀ ଲିଖିତ । ଇତିହାସ ଶିକ୍ଷାପ୍ରଣାଳୀରେ ଏଥିଦ୍ୱାରା ସମ୍ପୂର୍ଣ୍ଣ ନୂତନ ପନ୍ଥା ଦେଖାଇ ଦିଆଯାଇଛି ଏବଂ ବୃତ୍ତି ପରୀକ୍ଷାର ପ୍ରଶ୍ନଗୁଡ଼ିକ ବିସ୍ତୃତ ଭାବେ ଦିଆଯାଇ ସେହି ଅନୁଯାୟୀ ପଠିତ ବିଷୟକୁ ଅଙ୍କିତ କରାଯାଇଛି ।

Digitized by PPRACHIN, SOA

ନବ ଭୂଗୋଳ

ପ୍ରଥମ ଅଧ୍ୟାୟ

ଛବି, ନକ୍ସା ଓ ମାନଚିତ୍ର

ଛବି—ତୁମ୍ଭେ ଯେଉଁ ପଦାର୍ଥ ବା ଜୀବଜନ୍ତୁ ଦେଖିଅଛ, ଛବି ଦେଖି ତାର ଆକାର ସମ୍ବନ୍ଧରେ ଧାରଣା କରିପାରିବ । କିନ୍ତୁ ଦେଖି ନ ଥିବା କୌଣସି ପଦାର୍ଥ ବା ଜୀବଜନ୍ତୁର କେବଳ ଛବି ଦେଖି ତାହାର ଆକାର ଠିକ୍ କରି ପାରିବ ନାହିଁ । ଛବି ଦେଖି ପଦାର୍ଥ ବା ଜୀବଟି କେତେ ବଡ଼ ବା କେତେ ସାନ ସହଜରେ ଜାଣି ହୁଏ ନାହିଁ ।



ତୁମ୍ଭେ ଗୋଟିଏ ଇଟା ବା ଟିଣ ଦେଖିଛ । ଚିତ୍ର ଦେଖିଲେ ତାର ଆକାର ସହଜରେ ଅନୁମାନ କରି-ପାରିବ । କିନ୍ତୁ ମନେ କର ତୁମ୍ଭେ ହାତୀ ଦେଖି ନାହଁ । କେବଳ ଚିତ୍ର ଦେଖି ତୁମ୍ଭେ ହାତୀର ଲମ୍ବ, ଉଚ୍ଚତା ପ୍ରଭୃତି ସମ୍ବନ୍ଧରେ ପ୍ରକୃତ ଧାରଣା କରିପାରିବ କି ?

Digitized by PPRACHIN, SOA

ନକ୍ସା—ଗୋଟିଏ ଘର ବା କୂଅର ନକ୍ସା ଦେଖିଲେ ତାହାର ଆକାର ସମ୍ବନ୍ଧରେ ମୋଟାମୋଟି ଧାରଣା କର ହୁଏ । ନକ୍ସାଟି ପ୍ରକୃତ ପଦାର୍ଥର ବା ସ୍ଥାନର କେତେ ଅଂଶ ବା କେତେ ଗୁଣ ଜଣା ପଡ଼ିଲେ ପ୍ରକୃତ ପଦାର୍ଥ ବା ସ୍ଥାନର ଆକାର ବିଷୟରେ ପୂର୍ଣ୍ଣ-ରୂପେ ଧାରଣା ହୁଏ ।



[ଘରର ନକ୍ସା—ସ୍କେଲ ୧ ଇଞ୍ଚ=୮ ଫୁଟ]

ଉଦାହରଣ—ମନେ କର ତୁମ୍ଭେ ଗୋଟିଏ ଘରର ନକ୍ସା ଦେଖିଲ । ନକ୍ସାରେ ତାର ଲମ୍ବ ୪ ଇଞ୍ଚ ଓ ଓସାର ୨ ଇଞ୍ଚ ହେଲା । ନକ୍ସାରେ ଲେଖା ଅଛି ସ୍କେଲ ୧ ଇଞ୍ଚ=୮ ଫୁଟ । ତାହାହେଲେ ଏଥିରୁ ତୁମେ ସହଜରେ ଜାଣିପାରିଲ ଯେ ଘରଟିର ଲମ୍ବ ୮×୪=୩୨ ଫୁଟ ଓ ଓସାର ୮×୨=୧୬ ଫୁଟ ଅଛି ।

ନକ୍ସା କିପରି କରାଯାଏ—ଦିଆସିଲି, ଇଟା, ଠେଙ୍ଗା, ଦୁଆତ ପ୍ରଭୃତି କେତେକ ଛୋଟ ଜିନିଷ କାଗଜ ଉପରେ ପକାଇ ତାର ନକ୍ସା ଅଙ୍କନ କରାଯାଇପାରେ; କିନ୍ତୁ ଘର, ବଗିଚା, ମନ୍ଦିର,

Digitized by PPRACHIN, SOA

ସହର ଇତ୍ୟାଦ କାଗଜ ଉପରେ ପକାଇ ନକ୍ସା ଅଙ୍କନ କରାଯାଇ-ପାରବ ନାହିଁ । ପ୍ରଥମେ ଏଗୁଡ଼ିକର ଲମ୍ବ ଓ ଓସାରର ଠିକ୍ ମାପ ନେଇ ସ୍କେଲ ସାହାଯ୍ୟରେ ନକ୍ସା ଅଙ୍କନ କରିବାକୁ ହୁଏ ।



[ସ୍କେଲ ୧″=୬୪ ମାଇଲ]

ନକ୍ସା କରିସାରିବା ପରେ ତାହାର ନିମ୍ନରେ ନକ୍ସାଟି ଯେଉଁ 'ମାନ'ରେ ଅଙ୍କିତ ହେଲା ତାହା ଦେଖାଇଦେବାକୁ ହେବ ।

ମାନଚିତ୍ର—ଯେତେବେଳେ ଘର, ମନ୍ଦର ବା ବଗିଚାଠାରୁ ଆହୁରି ବଡ଼ ସ୍ଥାନ ଗ୍ରାମ, ୟୁନିଅନ, ଥାନା, ଜିଲା ବା ପ୍ରଦେଶ

Digitized by PPRACHIN, SOA

ପ୍ରଭୃତିର ନକ୍ସା କରିବାକୁ ହୁଏ, ସେତେବେଳେ ତାହା ଠିକ୍ ପୂର୍ବପରି ମାପ ଅନୁସାରେ କରାଯାଏ । ଏଥିରେ ନକ୍ସା ପର 'ମାନ' ଲେଖାଥାଏ । ଏ ଧରଣର ନକ୍ସାରେ ନଦୀ, ହ୍ରଦ, ସହର, ପର୍ବତ, ଫସଲ, ଖଣିଜଦ୍ରବ୍ୟ ଇତ୍ୟାଦି ଭିନ୍ନ ଭିନ୍ନ ସଙ୍କେତଦ୍ୱାରା ଚିହ୍ନିତ କରାଯାଇଥାଏ । ଏହିପରି ନକ୍ସାକୁ ମାନଚିତ୍ର (ମାନ+ଚିତ୍ର) କୁହାଯାଏ । ମନେ ରଖ ବଡ଼ ସ୍ଥାନର ନକ୍ସାହିଁ ମାନଚିତ୍ର ଅଟେ । ଏଥିରେ ମାନ (ମାପ) ଅନୁସାରେ ଚିତ୍ର ହୋଇଥାଏ ବୋଲି ଏହାର ନାମ ମାନଚିତ୍ର । ମାନଚିତ୍ରକୁ ଅଧିକ ସୁନ୍ଦର ଓ ସୁସ୍ପଷ୍ଟ କରିବାପାଇଁ ଭିନ୍ନ ଭିନ୍ନ ରଙ୍ଗ ମଧ୍ୟ ବ୍ୟବହୃତ ହୋଇଥାଏ ।

ଅନୁଶୀଳନୀ

୧ । ଚିତ୍ରଦ୍ୱାରା ତୁମ୍ଭର କି ଜ୍ଞାନ ଜନ୍ମେ ?

୨ । ନକ୍ସା ଓ ଚିତ୍ର ମଧ୍ୟରେ ପ୍ରଭେଦ କଅଣ ?

୩ । ମାନଚିତ୍ର କହିଲେ କଅଣ ବୁଝ ଓ ତହିଁରୁ କି ଉପକାର ମିଳେ ?

୪ । ତୁମ୍ଭ ବିଦ୍ୟାଳୟ ଗୃହର ନକ୍ସା କରି ତହିଁରେ ଶିକ୍ଷକଙ୍କ ବସିବା ସ୍ଥାନ ନିର୍ଦ୍ଦେଶ କର ।

୫ । ଗୋଟିଏ ବଗିଚାର ଲମ୍ବ ୬୦ ଗଜ ଓ ଓସାର ୪୦ ଗଜ । ତାର ଠିକ୍ ମଝିରେ ଗୋଟିଏ ସୂର୍ଯ୍ୟଘଡ଼ି ଅଛି । ସୂର୍ଯ୍ୟଘଡ଼ିର ଠିକ୍ ଦକ୍ଷିଣକୁ ୧୫ ଫୁଟ ଦୂରରେ ଗୋଟିଏ କୂଅ ଅଛି । ମାନ ସହିତ ନକ୍ସା କର ।

Digitized by PPRACHIN, SOA

ଦ୍ୱିତୀୟ ଅଧ୍ୟାୟ

ଦିଗନିର୍ଣ୍ଣୟ

ଦିଗ କପରି ଜାଣିବାକୁ ହୁଏ ତାହା ତୁମ୍ଭେମାନେ ତଳ ଶ୍ରେଣୀରୁ ଶିକ୍ଷା କରିଛ । ସକାଳେ ସୂର୍ଯ୍ୟ ପୂର୍ବଦିଗରେ ଉଦିତ

[ସୂର୍ଯ୍ୟୋଦୟ]

ହୋଇଥାନ୍ତି । ତେଣୁ ସୂର୍ଯ୍ୟଙ୍କ ଆଡ଼କୁ ମୁହଁ କରି ଠିଆ ହେଲେ ପଛ ଆଡ଼ ପଶ୍ଚିମ, ଡାହାଣ ପାଖ ଦକ୍ଷିଣ ଓ ବାମ ପାଖ ଉତ୍ତର

Digitized by PPRACHIN, SOA



[ଦିଗ ନିର୍ଣ୍ଣୟ]

ଦିଗ ବୋଲି ସହଜରେ ଜାଣି ହୁଏ। ସେହିପରି ସୂର୍ଯ୍ୟ ପଶ୍ଚିମ ଦିଗରେ ଅସ୍ତ ହୁଅନ୍ତି । ବୁଡ଼ି ଯାଉଥିବା ସୂର୍ଯ୍ୟଙ୍କୁ ଦେଖି ସନ୍ଧ୍ୟାବେଳେ ଦିଗ ନିର୍ଣ୍ଣୟ କରି-ହୁଏ ।

ରାତିରେ ଧ୍ରୁବତାରାକୁ ଦେଖି ଦିଗନିର୍ଣ୍ଣୟ କରାଯାଏ । ଆକାଶକୁ ଅନାଇଲେ ପ୍ରଶ୍ନବାଚକ ଚିହ୍ନ ପରି ସାତୋଟି ତାରା ଦେଖି-ପାରିବ । ଏହି ତାରାଗୁଡ଼ିକୁ ସପ୍ତର୍ଷି ମଣ୍ଡଳ କହନ୍ତି । ଏହି ମଣ୍ଡଳର ପ୍ରଥମ ଦୁଇଟି ତାରାକୁ ଗୋଟିଏ ସରଳ-ରେଖାରେ ଯୋଗ କରି କିଛିଦୂର ଯାଏ ଚାହିଁ ଗଲେ ଆମର ଦୃଷ୍ଟି ଗୋଟିଏ ବଡ଼ ତାରା ଉପରେ ପଡ଼ିବ । ଏହାର ନାମ ଧ୍ରୁବତାରା ଓ ଏହା ସର୍ବଦା ଉତ୍ତର ଆକାଶରେ ଥାଏ । ଉତ୍ତର ଦିଗ ଜାଣିଲେ ଅନ୍ୟ ଦିଗ ସହଜରେ ଜାଣିହେବ ।

[ସପ୍ତର୍ଷି ଓ ଧ୍ରୁବତାରା]

Digitized by PPRACHIN, SOA

ମେଘ ଘୋଡ଼ାଇଥିବା ସମୟରେ ଦିନରେ ସୂର୍ଯ୍ୟ ବା ରାତିରେ ଧ୍ରୁବତାରା ଦେଖାଯାନ୍ତି ନାହିଁ । ତେଣୁ ଏହିପରି ସ୍ଥଳରେ ଦିଗନିର୍ଣ୍ଣୟ କରିବା ପାଇଁ କମ୍ପାସ୍ ନାମକ ଏକପ୍ରକାର ଯନ୍ତ୍ର ବ୍ୟବହୃତ ହୁଏ । ଏ ଯନ୍ତ୍ର ଏପରିଭାବରେ ପ୍ରସ୍ତୁତ ଯେ ତାକୁ ଯେପରିଭାବରେ ଯେଉଁଠି ରଖିଦେଲେ ମଧ୍ୟ ତାହାର କଣ୍ଟାଟି ଉତ୍ତର ଓ ଦକ୍ଷିଣ ହୋଇ ରହିବ । କଣ୍ଟାର ଯେଉଁ ମୁଣ୍ଡରେ (✛) ଏପରି ଗୋଟିଏ ଚିହ୍ନ ଥାଏ ବା 'ଉ' ଲେଖା ଯାଇଥାଏ ତାହା ଉତ୍ତର ଦିଗ ବୋଲି ଜାଣି ଦିଗ ଠିକ୍ କରିବାକୁ ହୁଏ । ଚିତ୍ରରୁ ଦେଖ ।



[ଦିଗ ଜାଣିବା ଯନ୍ତ୍ର]

ଦ୍ୱିପ୍ରହର ବେଳେ ସୂର୍ଯ୍ୟ ଠିକ ମୁଣ୍ଡ ଉପରେ ରହନ୍ତି । ଏତେବେଳେ ଦିଗ ଠିକ୍ କରିବା କଷ୍ଟକର ହୁଏ; କାରଣ ସୂର୍ଯ୍ୟ କେଉଁ ଆଡ଼ୁ ଉଦିତ ହୋଇ ମଧ୍ୟ-ଆକାଶ ପର୍ଯ୍ୟନ୍ତ ଆସିଛନ୍ତି ଜାଣିହୁଏ ନାହିଁ; ତେଣୁ ଦ୍ୱିପ୍ରହର ବେଳେ ଦିଗ ନିର୍ଣ୍ଣୟ କରିବାକୁ ହେଲେ ଖରାରେ ଛିଡ଼ା ହୁଅ । ଦେଖିବ, ତୁମର ଛାଇ ଟିକିଏ ହୋଇ ଖରାଦିନେ ଦକ୍ଷିଣକୁ ଓ ଶୀତଦିନେ ଉତ୍ତରକୁ ପଡ଼ିବ । ଗୋଟିଏ ଦିଗ ଜାଣିଲେ ଅନ୍ୟ ଦିଗସବୁ ସହଜରେ ଜାଣିହେବ ।

Digitized by PPRACHIN, SOA

ଚୃର ଦିଗ ଛଡ଼ା ଚୃରୋଟି କୋଣ ମଧ୍ୟ ଅଛି । ତୁମ ଘର-ଭିତରକୁ ଚୃହଁ । ଯେଉଁଠାରେ ଉତ୍ତର ଓ ପୂର୍ବପଟ କାନ୍ଥ ମିଶିଯାଇଛନ୍ତି, ସେଠାରେ ଗୋଟିଏ କୋଣ ହୋଇଛି । ଏହି କୋଣକୁ ଐଶାନ୍ୟ କୋଣ କହନ୍ତି । ଏହିପରି ପୂର୍ବ-ଦକ୍ଷିଣ କୋଣକୁ ଆଗ୍ନେୟ, ଦକ୍ଷିଣ-ପଶ୍ଚିମ କୋଣକୁ ନୈଋତ ଓ ପଶ୍ଚିମ-ଉତ୍ତର କୋଣକୁ ବାୟବ୍ୟ ବା ବାୟୁ କୋଣ କହନ୍ତି ।



[ବାୟୁ ଯନ୍ତ୍ର]

ବାୟୁର ଗତି—ସବୁବେଳେ ବାୟୁ ଗୋଟିଏ ଦିଗରୁ ବହେ ନାହିଁ । ବିଭିନ୍ନ ସମୟରେ ବିଭିନ୍ନ ଦିଗରୁ ବାୟୁ ବହିଥାଏ । ବାୟୁ ଯେଉଁ ଦିଗରୁ ବହେ ତାର ବିପରୀତ ଦିଗକୁ ପତ୍ର, କାଗଜ, କୁଟା ପ୍ରଭୃତି ଉଡ଼ିଯାଏ । ଅତଏବ ଯେଉଁ ଦିଗକୁ ପତ୍ର ପ୍ରଭୃତି ହାଲୁକା ଜିନିଷମାନ ଉଡ଼ିଯାଏ, ତାହାର ବିପରୀତ ଦିଗରୁ ବାୟୁ ପ୍ରବାହିତ ହେଉଛି ବୋଲି ଜାଣିବ ।

କମ୍ ଗତିରେ ବହୁଥିବା ବେଳେ ସହଜରେ କେଉଁ ଦିଗରୁ ବାୟୁ ବହୁଛି ଠିକ୍ କରି ହୁଏ ନାହିଁ । ଏହା ଜାଣିବା ପାଇଁ କୋଠାମାନଙ୍କ ଉପରେ ପବନଚକ୍ର ବା ବାୟୁଯନ୍ତ୍ର ରଖାଯାଇ-ଥାଏ । ଏହାର ଗତିରୁ ବାୟୁ କେଉଁ ଦିଗରୁ ବହୁଛି ଜଣାପଡ଼େ ।

ଅନୁଶୀଳନୀ

୧ । ତୁମେ ରାତିରେ ପୁସ୍ତରେ ପଡ଼ିଗଲ । ତୁମ ବସାର ଦୁଆର-ମୁହଁ କେଉଁ ଦିଗକୁ, କପରି ଠିକ୍ କରିବ ?

Digitized by PPRACHIN, SOA

୨ । ଶୀତଦିନ ଦ୍ୱିପ୍ରହର ବେଳେ କୌଣସି ନୂଆ ସ୍ଥାନରେ ତୁମେ ପହଞ୍ଚିଲ । ତୁମର ସେଠାରୁ ଦକ୍ଷିଣ ଦିଗକୁ ଯିବାର କଥା । କିପରି ଦିଗ ଠିକ୍ କରିବ ?

୩ । ମୁଁ ସକାଳୁ ସ୍କୁଲକୁ ଗଲାବେଳେ ମୋର ଛାଇ ଡାହାଣ ହାତ ଆଡ଼କୁ ପଡ଼େ, ମୁଁ କେଉଁ ଦିଗକୁ ମୁହଁ କରି ଯାଏ ?

୪ । ଚାରିଗୋଟି ଦିଗ ଓ ଚାରିଗୋଟି କୋଣର ନାମ କହ ।

୫ । ତୁମ ବିଦ୍ୟାଳୟ ଗୃହର ଐଶାନ୍ୟ କୋଣର ଠିକ୍ ସମ୍ମୁଖରେ କେଉଁ କୋଣ ଅଛି ?

୬ । ତୁମ ପିନ୍ଧାଲୁଗାର ଫେର ବର୍ତ୍ତମାନ ଉତ୍ତର ଦିଗକୁ ଉଡ଼ୁଛି । ପବନ କେଉଁ ଦିଗରୁ ବହୁଅଛି ?

ତୃତୀୟ ଅଧ୍ୟାୟ

ଗ୍ରାମ, ୟୁନିଅନ୍, ଦେଶ, ଥାନା, ସବ୍‌ଡିଭିଜନ, ଜିଲ୍ଲା, ମହାଦେଶ, ପୃଥିବୀ

ଗ୍ରାମ—ଯେଉଁ ସ୍ଥାନରେ ଅନେକଗୁଡ଼ିଏ ଲୋକ ଏକତ୍ର ବାସ କରିଥାନ୍ତି, ତାକୁ ଗ୍ରାମ କହନ୍ତି । ଗ୍ରାମ ସାଧାରଣତଃ ଗୋଟିଏ ଶୁଷ୍କ ଓ ଉଚ୍ଚ ସ୍ଥାନରେ କରାଯାଇଥାଏ । ଗ୍ରାମର ଘରଗୁଡ଼ିକ ଧାଡ଼ି ଧାଡ଼ି ହୋଇ ଥାଏ । ଅନେକ ଗ୍ରାମ ଏଇଟି ସାହିରେ ବିଭକ୍ତ ହୋଇଥାଏ । ଗ୍ରାମଭିତରେ ଲୋକମାନଙ୍କର ସୁବିଧା ପାଇଁ ରାସ୍ତା, କୂଅ, ପୋଖରୀ ପ୍ରଭୃତି ଥାଏ । ସାଧାରଣତଃ ଗ୍ରାମମାନଙ୍କରେ ବିଭିନ୍ନ ଜାତିର ଲୋକ ଏକତ୍ର ଘର କରିଥାନ୍ତି ଓ ପରସ୍ପରକୁ ସାହାଯ୍ୟ କରି ଚଳନ୍ତି । ଗ୍ରାମର ଘରଗୁଡ଼ିକ ଅଧିକାଂଶ ଝାଟିମାଟି ଓ ଛଣରେ ଛପର ହୋଇଥାଏ । କେହି କେହି ଧନୀ ବ୍ୟକ୍ତି ଟିଣ ବା ପକ୍କାଘର କରିଥାନ୍ତି । ଗ୍ରାମମଧ୍ୟରେ

Digitized by PPRACHIN, SOA

ସାଧାରଣତଃ ଜଣେ ମୁଖିଆ ଲୋକ ଥାଏ । ସେ ଗ୍ରାମର ଭଲ ମନ୍ଦ ବୁଝେ ଓ କଳିକଜିଆ ନିଷ୍ପତ୍ତି କରେ ।



[ଗୋଟିଏ ପଲ୍ଲୀଗ୍ରାମର ପଥ]

ସହର—ସହର ଗ୍ରାମଠାରୁ ବହୁତ ବଡ଼ ଓ ତାର ଲୋକସଂଖ୍ୟା ବେଶୀ । କୌଣସି ସହରରେ ହଜାରକରୁ କମ୍ ଲୋକ ନ ଥାନ୍ତି । ଏଠାରେ ଅଧିକାଂଶ ଲୋକ ଶିକ୍ଷିତ ଓ ବହୁସଂଖ୍ୟକ ଘର ଟିଣ ବା ପକ୍କା ଘର । ସହରରେ ସ୍କୁଲ, କଲେଜ ଓ ବଡ଼ ବଡ଼ ଦୋକାନ ପ୍ରଭୃତି ଥାଏ । ପୁରୀ, ବ୍ରହ୍ମପୁର, ଭୁବନେଶ୍ୱର, ସମ୍ବଲପୁର ପ୍ରଭୃତି ଗୋଟିଏ ଗୋଟିଏ ସହର । ଲକ୍ଷକରୁ ଅଧିକ ଲୋକ ବାସ କରୁଥିବା ସହରକୁ ନଗର କୁହାଯାଏ । ଆମ ପ୍ରଦେଶରେ କଟକ ଏକମାତ୍ର ନଗର ଅଟେ । ଏହା ବ୍ୟତୀତ ଓଡ଼ିଶାରେ ୩୮ଟି ସହର ଅଛି ।

Digitized by PPRACHIN, SOA

ୟୁନଅନ—ପାଞ୍ଚ ସାତଟି ଗ୍ରାମ ମିଶି ଗୋଟିଏ ୟୁନଅନ୍ ହୁଏ । ପ୍ରତି ଗ୍ରାମ ପାଇଁ ଜଣେ ଚୌକିଦାର ଓ ୟୁନଅନ୍ ପାଇଁ ଜଣେ ଦଫାଦାର ଥାନ୍ତି । ଏହା ବ୍ୟତୀତ ପ୍ରତି ୟୁନଅନ୍‌ରେ ଜଣେ



[ଗୋଟିଏ ସହରର ରାସ୍ତା]

ଲେଖାଏଁ ପ୍ରେସିଡେଣ୍ଟ ଥାନ୍ତି । ସେ ୟୁନଅନ୍‌ର ପ୍ରତି ଗ୍ରାମରୁ ଚୌକିଦାରୀ ଟାକ୍‌ସ ଆଦାୟ କରନ୍ତି । ଏହି ଟଙ୍କାରୁ ଚୌକିଦାରମାନଙ୍କର ଦରମା ଦିଆଯାଏ । ପ୍ରେସିଡେଣ୍ଟମାନେ ବିବାଦ ନିଷ୍ପତ୍ତି କରନ୍ତି । ଅନେକ ସମୟରେ ସରକାର ଗ୍ରାମର ମକଦ୍ଦମା ତଦନ୍ତ କରିବା ପାଇଁ ପ୍ରେସିଡେଣ୍ଟଙ୍କୁ ଆଦେଶ ଦେଇଥାନ୍ତି । ପ୍ରେସିଡେଣ୍ଟ ତଦନ୍ତ କରି ମକଦ୍ଦମାର ବିବରଣୀ ସରକାରଙ୍କୁ ଜଣାନ୍ତି ।

ଥାନା—କେତୋଟି ୟୁନଅନ୍ ମିଳି ଗୋଟିଏ ଥାନା ହୁଏ । ପ୍ରତି ଥାନାରେ ଜଣେ ମୁନ୍‌ସୀ ବା ଦାରୋଗା ଥାନ୍ତି । ତାଙ୍କ

Digitized by PPRACHIN, SOA

ଅଧୀନରେ କେତେକ କନ୍‌ଷ୍ଟେବଲ ଥାନ୍ତି । ସେମାନେ ଥାନା ମଧ୍ୟରେ ଶାନ୍ତିରକ୍ଷା କରନ୍ତି ।

ସବ୍‌ଡିଭିଜନ—କେତେଗୁଡ଼ିଏ ଥାନା ମିଶି ଗୋଟିଏ ସବ୍‌ଡିଭିଜନ ହୁଏ । ସବ ଡିଭିଜନର ହାକିମଙ୍କୁ ଏସ୍. ଡି. ଓ. କହନ୍ତି । ଏସ୍. ଡି. ଓ. ସବ୍‌ଡିଭିଜନର ହାନିଲାଭ ବୁଝନ୍ତି । ଜିଲା ମାଜିଷ୍ଟ୍ରେଟ୍‌ଙ୍କ ଆଦେଶରେ ଏସ୍. ଡି. ଓ. ସବ୍‌ଡିଭିଜନର କାମ ଚଳାନ୍ତି ।

ଜିଲ୍ଲା—କେତୋଟି ସବ୍‌ଡିଭିଜନ ମିଶି ଗୋଟିଏ ଜିଲା ହୁଏ । ପ୍ରତି ଜିଲାପାଇଁ ଜଣେ ମାଜିଷ୍ଟ୍ରେଟ୍ ବା କଲେକ୍‌ଟର ଥାନ୍ତି । ସେ ଜିଲାର ହାନିଲାଭ ବୁଝନ୍ତି ଓ କର ଆଦାୟ କରନ୍ତି; ଜିଲାର ଲୋକମାନେ କିପରି ସୁଖଶାନ୍ତିରେ ରହିବେ ତାହାର ଯତ୍ନ ନିଅନ୍ତି । ଏହାଙ୍କ ଅଧୀନରେ ସବ୍‌ଡିଭିଜନ ମାଜିଷ୍ଟ୍ରେଟମାନେ କାମ କରନ୍ତି ।

ପ୍ରଦେଶ—କେତେଗୁଡ଼ିଏ ଜିଲା ମିଶି ଗୋଟିଏ ପ୍ରଦେଶ ହୁଏ । ଆମ ଓଡ଼ିଶା ପ୍ରଦେଶ ତେର ଗୋଟି ଜିଲାକୁ ନେଇ ଗଢ଼ାଯାଇଛି । ପ୍ରତ୍ୟେକ ପ୍ରଦେଶରେ ଜଣେ ଲେଖାଏଁ **ରାଜ୍ୟପାଳ** ବା **ଲାଟ** ଥାନ୍ତି । ଲାଟସାହେବ ପ୍ରଦେଶର ଉଚ୍ଚତମ ଶାସନ-କର୍ତ୍ତା । ତାଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରିବା ଲାଗି ପ୍ରତି ପ୍ରଦେଶରେ ଗୋଟିଏ ଲେଖାଏଁ ମନ୍ତ୍ରିମଣ୍ଡଳ ଥାଏ । ଏହାଛଡ଼ା ଲାଟଙ୍କ ଅଧୀନରେ କେତେକ ସଭ୍ୟଙ୍କୁ ନେଇ ଗୋଟିଏ ପ୍ରାଦେଶିକ ସଭା ଥାଏ । ଏହି ସଭାରେ ଲାଟ ଓ ସମସ୍ତ ମନ୍ତ୍ରୀ ରହନ୍ତି । ଏହି ସଭା ପ୍ରଦେଶପାଇଁ ଆଇନ ତିଆରି କରେ ଓ ଆୟବ୍ୟୟ କଥା ବୁଝେ ।

Digitized by PPRACHIN, SOA

ପ୍ରଥମେ ପ୍ରତି ଅଞ୍ଚଳରୁ ଭୋଟଦ୍ୱାରା ଲୋକସଭା ପାଇଁ ସଭ୍ୟ ନିର୍ବାଚିତ ହୁଅନ୍ତି । ନିର୍ବାଚିତ ସଭ୍ୟମାନେ ଏକତ୍ର ବସି ତାଙ୍କ ଭିତରୁ ଯୋଗ୍ୟ ବ୍ୟକ୍ତିମାନଙ୍କୁ ମନ୍ତ୍ରୀରୂପେ ବାଛନ୍ତି । ପ୍ରତି ଏକଲକ୍ଷ ଲୋକସଂଖ୍ୟା ପାଇଁ ଜଣେ ସଭ୍ୟ ନିର୍ବାଚିତ ହୁଅନ୍ତି । ଏଥିପାଇଁ କେତୋଟି ଥାନାକୁ ଏକତ୍ର କରାଯାଇ ନିର୍ବାଚନମଣ୍ଡଳୀ ଗଢ଼ା ଯାଇଥାଏ । ଆମ ଓଡ଼ିଶାର ୧୪୦ଟି ନିର୍ବାଚନମଣ୍ଡଳୀରୁ ୧୪୦ ସଭ୍ୟ ନିର୍ବାଚିତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୭ ଜଣ ମନ୍ତ୍ରୀ ଓ ୭ ଜଣ ଉପମନ୍ତ୍ରୀ ହୋଇ ପ୍ରଦେଶର ଶାସନକାର୍ଯ୍ୟ ପରିଚାଳନା କରୁଅଛନ୍ତି ।

ଦେଶ ବା ରାଷ୍ଟ୍ର—କେତେଗୁଡ଼ିଏ ପ୍ରଦେଶ ମିଳି ଗୋଟିଏ ଦେଶ ବା ରାଷ୍ଟ୍ର ହୁଏ । ଆମର ଭାରତବର୍ଷ ୧୯୪୭ରୁ ଦୁଇଟି ରାଷ୍ଟ୍ରରେ ବିଭକ୍ତ ହୋଇଛି । ଗୋଟିଏ ଭାରତ ୟୁନିଅନ୍ ଓ ଅନ୍ୟଟି ପାକିସ୍ଥାନ ଅଟେ । ରାଷ୍ଟ୍ରର ସର୍ବୋଚ୍ଚ କର୍ତ୍ତାଙ୍କୁ ରାଷ୍ଟ୍ରପତି କୁହାଯାଏ । ବର୍ତ୍ତମାନ ଆମ ଭାରତର ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର-ପ୍ରସାଦ ଓ ସହକାରୀ ରାଷ୍ଟ୍ରପତି ସର ସର୍ବପାଲି ରାଧାକୃଷ୍ଣନ୍ ।

ଆମ ଓଡ଼ିଶା ପ୍ରଦେଶଟି ଭାରତ ରାଷ୍ଟ୍ରରେ ଅବସ୍ଥିତ । ରାଷ୍ଟ୍ରପତିଙ୍କ ଅଧୀନରେ ଗୋଟିଏ ମନ୍ତ୍ରିମଣ୍ଡଳ ଥାଏ । ଏହାକୁ କେନ୍ଦ୍ର ମନ୍ତ୍ରିମଣ୍ଡଳ କହନ୍ତି । ଏହାଛଡ଼ା ପ୍ରାଦେଶିକ ବ୍ୟବସ୍ଥା-ସଭା ପରି କେନ୍ଦ୍ରରେ ମଧ୍ୟ ବ୍ୟବସ୍ଥାସଭା ଥାଏ । ଏହି ସଭାର ସଭ୍ୟମାନେ ପ୍ରତି ପ୍ରଦେଶରୁ ଭୋଟ ପାଇ କେନ୍ଦ୍ର ବ୍ୟବସ୍ଥାସଭାକୁ ଯାଆନ୍ତି ।

ରାଷ୍ଟ୍ରର ପ୍ରତ୍ୟେକ ପ୍ରଦେଶର ହାନିଲାଭ ବୁଝିବା ରାଷ୍ଟ୍ରପତିଙ୍କର କାମ । ପ୍ରାଦେଶିକ ଲାଟମାନେ ରାଷ୍ଟ୍ରପତିଙ୍କ ଅଧୀନରେ କାର୍ଯ୍ୟ

Digitized by PPRACHIN, SOA

କରନ୍ତି । ନିଜ ରାଷ୍ଟ୍ରକୁ ବିଦେଶୀ ଶତ୍ରୁ କବଳରୁ ରକ୍ଷା କରିବାପାଇଁ ରାଷ୍ଟ୍ରପତି ସବୁବେଳେ ସୁବ୍ୟବସ୍ଥା କରିଥାନ୍ତି । କେନ୍ଦ୍ର ମନ୍ତ୍ରି-ମଣ୍ଡଳରେ ଜଣେ ମନ୍ତ୍ରୀ ସୈନ୍ୟବିଭାଗ ବିଷୟ ବୁଝିବାପାଇଁ ଥାନ୍ତି । କେନ୍ଦ୍ର ମନ୍ତ୍ରିମଣ୍ଡଳର ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମାନ୍ୟବର ପଣ୍ଡିତ ଜବାହରଲାଲ ନେହରୁ ।

ମହାଦେଶ--କେତେଗୁଡ଼ିଏ ଦେଶ ମିଳି ଗୋଟିଏ ମହାଦେଶ ହୁଏ । ଆମ ଦେଶ, ଭାରତବର୍ଷ ଏସିଆ ମହାଦେଶର ଅନ୍ତର୍ଗତ । ସମଗ୍ର ପୃଥିବୀରେ ସାତଟି ମହାଦେଶ ଅଛି । ପ୍ରତ୍ୟେକ ଦେଶ ସହିତ ପ୍ରତ୍ୟେକ ଦେଶର ନାନାପ୍ରକାର ସମ୍ପର୍କ ରହିଛି । ପ୍ରତ୍ୟେକ ରାଷ୍ଟ୍ରରୁ ଜଣେ ଲେଖାଏଁ ଯୋଗ୍ୟ ବ୍ୟକ୍ତି ବିଭିନ୍ନ ରାଷ୍ଟ୍ରରେ ରହିଥାନ୍ତି । ତାଙ୍କୁ ରାଷ୍ଟ୍ରଦୂତ କୁହାଯାଏ । ସେମାନେ ନିଜ ଦେଶକୁ ଭିନ୍ନ ଭିନ୍ନ ରାଷ୍ଟ୍ରର ଖବର ପଠାନ୍ତି । ଏହିପରି ଗୋଟିଏ ମହାଦେଶରେ ଥିବା ରାଷ୍ଟ୍ରଗୁଡ଼ିକର ପରସ୍ପର ସମ୍ପର୍କ ରହିଥିବାରୁ ଲୋକମାନଙ୍କର ଚଳାଚଳ ଓ ବେପାର ବାଣିଜ୍ୟର ସୁବିଧା ହୁଏ ।

ଭୂଖଣ୍ଡ—କେତେଗୁଡ଼ିଏ ମହାଦେଶର ସମଷ୍ଟିକୁ ଭୂଖଣ୍ଡ କହନ୍ତି । ସମୁଦାୟ ପୃଥିବୀରେ ଦୁଇଟି ଭୂଖଣ୍ଡ ଅଛି । ଯେଉଁ ଭୂଖଣ୍ଡର କଥା ଅତି ପ୍ରାଚୀନ କାଳରୁ ଲୋକମାନେ ଜାଣିଥିଲେ, ତାହାକୁ ପୁରାତନ ଭୂଖଣ୍ଡ ଓ ଯେଉଁ ଭୂଖଣ୍ଡ ପରେ ଆବିଷ୍କୃତ ହେଲା, ତାକୁ ନୂତନ ଭୂଖଣ୍ଡ କହନ୍ତି ।

ପୁରାତନ ଭୂଖଣ୍ଡରେ ଚାରିଗୋଟି ମହାଦେଶ ଅଛି । ଯଥା:—ଏସିଆ, ୟୁରୋପ, ଆଫ୍ରିକା, ଅଷ୍ଟ୍ରେଲିଆ ।

Digitized by PPRACHIN, SOA

ନୂତନ ଭୂଖଣ୍ଡରେ ଦୁଇଟି ମହାଦେଶ ଅଛି;ଯଥା—ଦକ୍ଷିଣ-ଆମେରିକା, ଉତ୍ତର-ଆମେରିକା । ଏହି ନୂତନ ଭୂଖଣ୍ଡକୁ ପ୍ରସିଦ୍ଧ ଫରାସୀ ନାବିକ କଲମ୍ବସ୍ ଆବିଷ୍କାର କରିଥିଲେ ।



[ସାତଗୋଟି ମହାଦେଶ]

ଉପରେ କୁହାଯାଇଥିବା ଛଅଟି ମହାଦେଶ ବ୍ୟତୀତ ଆଉ ଗୋଟିଏ ମହାଦେଶ ଦକ୍ଷିଣ ମେରୁରେ ଅଛି । ଏହା ନୂତନ ଓ ପୁରାତନ ଉଭୟ ଭୂଖଣ୍ଡରେ ଅବସ୍ଥିତ । ଏହାକୁ **ଅଣ୍ଟାର୍କାଟିକା** ବା ଦକ୍ଷିଣମେରୁ ମହାଦେଶ କୁହାଯାଏ । ଏହି ମହାଦେଶ ସର୍ବଶେଷରେ ଆବିଷ୍କୃତ ହୋଇଅଛି । ଏହା ପ୍ରାୟ ସର୍ବଦା ତୁଷାରରେ ଆଚ୍ଛାଦିତ ହୋଇଥିବାରୁ ଲୋକବସତି ପାଇଁ ଉପଯୋଗୀ ନୁହେଁ ।

ପୃଥିବୀ—ଯେଉଁ ଗ୍ରହଟିରେ ଆମ୍ଭେମାନେ ବାସ କରୁଁ ତାହାକୁ ପୃଥିବୀ କୁହାଯାଏ । ଏହି ପୃଥିବୀର ଦୁଇଟିଯାକ ଭୂଖଣ୍ଡରେ ସାତଗୋଟି ମହାଦେଶ ସହିତ ପାଞ୍ଚଗୋଟି ମହାସାଗର ମଧ୍ୟ ରହିଛି ।

Digitized by PPRACHIN, SOA

ମହାସାଗରମାନଙ୍କ ନାମ—

(୧) ଆଟଲାଣ୍ଟିକ ମହାସାଗର
(୨) ପ୍ରଶାନ୍ତ ମହାସାଗର
(୩) ଭାରତ ମହାସାଗର
(୪) ଉତ୍ତର ମହାସାଗର
(୫) ଦକ୍ଷିଣ ମହାସାଗର

ଏହିପରି ସାତୋଟି ମହାଦେଶ ଓ ପାଞ୍ଚଟି ମହାସାଗରକୁ ନେଇ ପୃଥିବୀ ଗଠିତ ହୋଇଅଛି । ସମୁଦାୟ ପୃଥିବୀମଧ୍ୟରେ କେତେକ ଦେଶ ଗ୍ରୀଷ୍ମପ୍ରଧାନ, କେତେକ ଶୀତପ୍ରଧାନ ଓ କେତେକ ଦେଶରେ ଗ୍ରୀଷ୍ମ, ଶୀତ ସମ ପରିମାଣରେ ଅନୁଭୂତ ହୁଏ ।

ପୃଥିବୀପୃଷ୍ଠରେ ଥିବା ପ୍ରତ୍ୟେକ ରାଷ୍ଟ୍ରର ଅନ୍ୟାନ୍ୟ ରାଷ୍ଟ୍ର ସହିତ ଘନିଷ୍ଠ ସମ୍ପର୍କ ଥିବା କଥା ଆଗରୁ ତୁମେ ଜାଣିଛ । ସମୁଦାୟ ପୃଥିବୀର ଗୋଟିଏ ବଡ଼ ସଭା ମଧ୍ୟ ଅଛି । ତାକୁ **ପୃଥିବୀ ପଞ୍ଚାୟତ** ବା **ମିଳିତ ଜାତିସଂଘ** କହନ୍ତି । ଏହି ସଭାରେ ପୃଥିବୀର ଅଧିକାଂଶ ରାଜ୍ୟର ପ୍ରତିନିଧିମାନେ ଯୋଗଦାନ କରନ୍ତି । କୌଣସି ରାଷ୍ଟ୍ରରେ କିଛି ଗଣ୍ଡଗୋଳ ଘଟିଲେ କିମ୍ବା ଗୋଟିଏ ରାଷ୍ଟ୍ରର ଅନ୍ୟ ରାଷ୍ଟ୍ର ସହିତ ବିବାଦ ଘଟିଲେ ଏହି ମିଳିତ ଜାତିସଂଘ ତାହାର ମୀମାଂସା କରିଦିଅନ୍ତି । ସମସ୍ତେ ଏହି ଜାତିସଂଘକୁ ମାନି ଚଳନ୍ତି ।

ପୃଥିବୀର ଜଳ ଓ ସ୍ଥଳଭାଗ—ସାତଟି ମହାଦେଶ ଓ ପାଞ୍ଚଟି ମହାସାଗରକୁ ନେଇ ଏହି ପୃଥିବୀ ଗଠିତ ହୋଇଅଛି । ସମୁଦାୟ ପୃଥିବୀର ଜଳଭାଗ ତୁଳନାରେ ସ୍ଥଳଭାଗ

Digitized by PPRACHIN, SOA

ବହୁତ କମ୍ । ଯଦି ପୃଥିବୀକୁ ମୋଟ ୧୦୦ ଭାଗ ଧରାଯାଏ, ତେବେ ତହିଁରୁ ୭୨ ଭାଗ ଜଳ ଓ ୨୮ ଭାଗ ସ୍ଥଳ ଅଟେ ।

ଆକାର—ପୃଥିବୀର ଆକାର କମଳାଲେମ୍ବୁ ପରି ଗୋଲ । ଆମ ଆଖିକୁ ପୃଥିବୀ ଗୋଲ ଦେଖାଯାଏ ନାହିଁ; କାରଣ ପୃଥିବୀ ଅତି ବଡ଼ । ଆମେ ତାହାର ଅତି ଅଳ୍ପମାତ୍ର ଅଂଶ ଦେଖୁଁ; ତେଣୁ ତାହା ଆମକୁ ଗୋଲ ନ ଦିଶି ଚେପ୍ଟା ଦେଖାଯାଏ । ପୃଥିବୀ ଗୋଲ, ଏହା ବଡ଼ ବଡ଼ ପଣ୍ଡିତମାନେ ପ୍ରମାଣ କରିଛନ୍ତି ।

୧—ସମୁଦ୍ରରେ ନାବିକ ଯଦି କେବଳ ଗୋଟିଏ ଦିଗକୁ ମୁହଁ କରି ଜାହାଜ ଚଳାଏ, ତେବେ କିଛି ଦିନ ପରେ ସେ ବୁଲି ବୁଲି ଆସି ବାହାରିଥିବା ସ୍ଥାନରେ ପହଞ୍ଚିବ । ପୃଥିବୀ ଗୋଲ ହୋଇ ନ ଥିଲେ ଏହା ହୋଇପାରନ୍ତା ନାହିଁ ।

୨—ଗୋଲ ପଦାର୍ଥର ଛାଇ ମଧ୍ୟ ଗୋଲ ହୁଏ । ଚନ୍ଦ୍ରଗ୍ରହଣ ସମୟରେ ପୃଥିବୀର ଯେଉଁ ଛାଇ ଚନ୍ଦ୍ର ଉପରେ ପଡ଼େ, ତାହା



ଗୋଲ ଅଟେ । ଏଣୁ ପୃଥିବୀ ନିଶ୍ଚୟ ଗୋଲ । ଏହିପରି ଆହୁରି ଅନେକ ପ୍ରମାଣ ଅଛି; ତୁମେ ତାହା ଉପର ଶ୍ରେଣୀରେ ପଢ଼ିବ ।

ଗ୍ଲୋବ୍—ସ୍କୁଲରେ ଗ୍ଲୋବ ଦେଖିଥିବ । ଏହି ଗ୍ଲୋବଟି ପୃଥିବୀର ଏକ ଅତି ଛୋଟ ଆକାର । ଗ୍ଲୋବକୁ

Digitized by PPRACHIN, SOA

ଲକ୍ଷ୍ୟକଲେ ଦେଖିବ ଯେ ତାହା ଉପରେ କେତେଗୁଡ଼ିଏ ଗୋଲ ରେଖା **ପୂର୍ବ-ପଶ୍ଚିମ ଭାବରେ** ଟଣାଯାଇଛି । ଏହି ଗୋଲ ରେଖାଗୁଡ଼ିକ କ୍ରମେ ଉତ୍ତର ଓ ଦକ୍ଷିଣ ଆଡ଼କୁ ଛୋଟ ଛୋଟ ହୋଇଯାଇ ଉତ୍ତର ଓ ଦକ୍ଷିଣ ଦିଗର ଶେଷ ଭାଗରେ ଗୋଟିଏ ଲେଖାଏଁ ବିନ୍ଦୁରେ ପରିଣତ ହୋଇଅଛନ୍ତି । ଉତ୍ତର ଦିଗର ବିନ୍ଦୁକୁ **ଉତ୍ତର ମେରୁ** ଓ ଦକ୍ଷିଣ ଦିଗର ବିନ୍ଦୁକୁ **ଦକ୍ଷିଣ ମେରୁ** କହନ୍ତି ।



ଉତ୍ତର ଓ ଦକ୍ଷିଣ ମେରୁଠାରୁ ସମାନ ଦୂରରେ ପୃଥିବୀର ଠିକ୍ ମଝିରେ ଯେଉଁ ରେଖାଟି କଳ୍ପନା କରାଯାଇଅଛି, ତାହାକୁ **ବିଷୁବ ରେଖା, ନିରକ୍ଷ ରେଖା** ବା **ବିଷୁବ ବୃତ୍ତ** କହନ୍ତି । ଏହି ବିଷୁବ ବୃତ୍ତର ପରିଧି ପ୍ରାୟ ୨୫୦୦୦ ମାଇଲ ଅଟେ ।

Digitized by PPRACHIN, SOA

ବିଷୁବ ରେଖାଦ୍ୱାରା ପୃଥିବୀ ଦୁଇ ଭାଗରେ ବିଭକ୍ତ ହୋଇଅଛି । ବିଷୁବ ରେଖାଠାରୁ ଉତ୍ତରମେରୁ ପର୍ଯ୍ୟନ୍ତ ଅଦ୍ଧାଂଶକୁ **ଉତ୍ତର ଗୋଲାର୍ଦ୍ଧ** ଓ ବିଷୁବ ରେଖାଠାରୁ ଦକ୍ଷିଣ ମେରୁ ପର୍ଯ୍ୟନ୍ତ ଅଂଶକୁ **ଦକ୍ଷିଣ ଗୋଲାର୍ଦ୍ଧ** କହନ୍ତି ।

ପୃଥିବୀର କେନ୍ଦ୍ରକୁ ଭେଦ କରି ଯେଉଁ ରେଖା ଉତ୍ତର ମେରୁ ଓ ଦକ୍ଷିଣ ମେରୁକୁ ଯୋଗ କରୁଥିବାର କଳ୍ପନା କରା ଯାଇଅଛି, ତାହାକୁ ପୃଥିବୀର **ମେରୁଦଣ୍ଡ** କହନ୍ତି ।

ଗ୍ଲୋବ୍ ଉପରେ **ପୂର୍ବ-ପଶ୍ଚିମ** ହୋଇ ଯେଉଁ ରେଖାଗୁଡ଼ିକ ଟଣାଯାଇଛି ତାକୁ **ଅକ୍ଷାଂଶ** ବା **ଅକ୍ଷବୃତ୍ତ** କହନ୍ତି । ଉତ୍ତର ମେରୁଠାରୁ ଦକ୍ଷିଣ ମେରୁ ପର୍ଯ୍ୟନ୍ତ ଟଣା ଯାଇଥିବା ରେଖାଗୁଡ଼ିକୁ **ଦ୍ରାଘିମା** ରେଖା କହନ୍ତି । ଦ୍ରାଘିମା ରେଖାଗୁଡ଼ିକ ବିଷୁବ ବୃତ୍ତକୁ ଲମ୍ବଭାବରେ କାଟୁଅଛନ୍ତି ।

ପ୍ରକୃତରେ ପୃଥିବୀ-ପୃଷ୍ଠରେ ଅକ୍ଷାଂଶ, ଦ୍ରାଘିମା, ବିଷୁବ-ରେଖା, ମେରୁଦଣ୍ଡ ପ୍ରଭୃତି କୌଣସି ରେଖା ଟଣା ଯାଇ ନାହିଁ । ଭୂଗୋଳ ଶିକ୍ଷା ଦେବାର ସୁବିଧା ପାଇଁ ଏସବୁ କଳ୍ପନା କରାଯାଇଅଛି ମାତ୍ର ।

ପ୍ରଶ୍ନ

୧ । ନିମ୍ନ ପ୍ରଶ୍ନମାନଙ୍କର ଉତ୍ତର ଦିଅ:—

(କ) ତୁମର ଦେଶ କେଉଁ ମହାଦେଶରେ ଅବସ୍ଥିତ ?

(ଖ) ପୃଥିବୀରେ କେତୋଟି ମହାଦେଶ ଅଛି ଓ ସେଥିମଧ୍ୟରେ କେଉଁଟି ସବୁଠାରୁ ବଡ଼ ?

Digitized by PPRACHIN, SOA

(ଗ) ନଗର କାହାକୁ କହନ୍ତି ? ତୁମ ପ୍ରଦେଶରେ ଥିବା ନଗରଟିର ନାମ କଅଣ ? ସହର ଓ ନଗରମଧ୍ୟରେ ପ୍ରଭେଦ କଅଣ ?

(ଘ) ତୁମ ପ୍ରଦେଶଟି କେତୋଟି ଜିଲ୍ଲାରେ ବିଭକ୍ତ ? ଜିଲ୍ଲା-ମାନଙ୍କର ଶାସନ ଭାର କାହା ହାତରେ ଥାଏ ?

(ଙ) ଭାରତବର୍ଷରେ କେତୋଟି ରାଷ୍ଟ୍ର ଅଛି ? ତୁମ ସ୍କୁଲଟି କେଉଁ ରାଷ୍ଟ୍ରଭିତରେ ଅଛି ?

୨ । ଶୂନ୍ୟ ସ୍ଥାନ ପୂରଣ କର :—

କେତୋଟି—ମିଶି ଗୋଟିଏ ୟୁନିଅନ୍ ହୁଏ । କେତୋଟି ୟୁନିଅନ୍ ମିଶି ଗୋଟିଏ—ହୁଏ । ଆମ ଘର —ସବ୍‌ଡିଭିଜନରେ । ଭାରତବର୍ଷ ଗୋଟିଏ— । ତାହା—ଗୋଲାର୍ଦ୍ଧରେ ଅବସ୍ଥିତ । —ମହାଦେଶରେ ମନୁଷ୍ୟ ବାସ କରନ୍ତି ନାହିଁ । ପୃଥିବୀକୁ ଯଦି ୧୦୦ ଭାଗ ଧରାଯାଏ, ତେବେ ତାହାର—ଭାଗ ସ୍ଥଳ ଓ—ଭାଗ ଜଳ ।

୩ । ଗ୍ଲୋବର ଗୋଟିଏ ଚିତ୍ର ଅଙ୍କନ କରି ତହିଁରେ ଉତ୍ତର ମେରୁ, ଦକ୍ଷିଣ ମେରୁ, ବିଷୁବ ରେଖା ଓ ମେରୁଦଣ୍ଡ ଚିହ୍ନିତ କର ।

୪ । ଘଣ୍ଟାକେ ୨୫୦ ମାଇଲ ବେଗରେ ଯାଉଥିବା ଗୋଟିଏ ଉଡ଼ାଜାହାଜରେ ବସି ତୁମେ ଠିକ୍ ବିଷୁବ ବୃତ୍ତର ଉପର ଦେଇ ଉଡ଼ି ଉଡ଼ି ଯାଉଛ । ତୁମେ ଯେଉଁ ସ୍ଥାନରୁ ପ୍ରଥମେ ବାହାରିଥିଲ, ସେହି ସ୍ଥାନକୁ ଫେରି ଆସିବାକୁ କେତେ ସମୟ ଲାଗିବ ?

୫ । 'ପୃଥିବୀ ଗୋଲ' ବୋଲି ତୁମେ କିପରି ପ୍ରମାଣ କରି-ପାରିବ ?

Digitized by PPRACHIN, SOA

୬ । ନିମ୍ନଲିଖିତ ବିଷୟମାନଙ୍କ ସମ୍ବନ୍ଧରେ ସଂକ୍ଷିପ୍ତ ଟିପ୍ପଣୀ ଦିଅ:—

ୟୁନିଅନ୍ ପ୍ରେସିଡ଼େଣ୍ଟ, ରାଷ୍ଟ୍ରପତି, ରାଜ୍ୟପାଳ, ଦାରୋଗା ।

ଚତୁର୍ଥ ଅଧ୍ୟାୟ

ଗ୍ରାମ ଓ ସହର—(ଦୋକାନ, ହାଟ, ବ୍ୟବସାୟ, ହସ୍ତଶିଳ୍ପ ଓ ଯନ୍ତ୍ରଶିଳ୍ପ)

ଗ୍ରାମ—ଗୋଟିଏ ଗ୍ରାମରେ ଅନେକ ଜାତିର ଲୋକ ବାସ କରନ୍ତି । କେତେଗୁଡ଼ିଏ ସାହିକୁ ନେଇ ଗୋଟିଏ ଗ୍ରାମ ଗଠିତ ହୋଇଥାଏ । ଯଥା—ବ୍ରାହ୍ମଣ ସାହି, ପଧାନ ସାହି, ଗଉଡ଼ ସାହି, ବାଉରି ସାହି ଇତ୍ୟାଦି । ଗ୍ରାମରେ ସାଧାରଣଙ୍କ ବ୍ୟବହାର ପାଇଁ କେତେକ କୂଅ, ପୋଖରୀ, ପଡ଼ିଆ, ଦଣ୍ଡା ରହିଥାଏ । ଗ୍ରାମମଧ୍ୟରେ ଦୁଇ ତିନୋଟି ଶ୍ରେଷ୍ଠ ବଡ଼ ଦୋକାନ ଥାଏ । ଗ୍ରାମବାସୀମାନେ କେହି ପଇସା ଦେଇ, କେହି ବା ଉତ୍ପନ୍ନ ଦ୍ରବ୍ୟ ଦେଇ ତା ବଦଳରେ ସଉଦା ନେଇଥାନ୍ତି । ଗ୍ରାମରେ ଠାକୁର ମନ୍ଦିର, ଭାଗବତ ଘର, ପ୍ରାଥମିକ ବିଦ୍ୟାଳୟ ପ୍ରଭୃତି ଥାଏ । ଅନେକ ଗ୍ରାମରେ ଆଖଡ଼ା ଦଳ, ସଂକୀର୍ତ୍ତନ ଦଳ, ପାଲି ଦଳ ମଧ୍ୟ ଥାଏ । ଭାଗବତ ଘରେ ସମୟ ସମୟରେ ପୁରାଣ ବୋଲାଯାଏ । ଗ୍ରାମବାସୀମାନେ ପୁରାଣ ଶୁଣିବାକୁ ଏକତ୍ର ହୋଇ ନାନା କଥା ଆଲୋଚନା କରନ୍ତି । ଗ୍ରାମର ଅଧିକାଂଶ ଲୋକ କୃଷିବାସ କରି ଚଳନ୍ତି । ଅଳ୍ପ କେତେକ ଲୋକ ପାଠଶାଠ ପଢ଼ି ଉଚ୍ଚ ଚାକିରି କରି ସହରରେ ରହନ୍ତି । କେତେକ ମଧ୍ୟ

Digitized by PPRACHIN, SOA

କଲିକତା, ରେଙ୍ଗୁନ, ଆସାମ ପ୍ରଭୃତି ସ୍ଥାନରେ ଚାକିରି କରି ପେଟ ପୋଷନ୍ତି ।

ସହର—ଯେଉଁ ସ୍ଥାନରେ ଭିନ୍ନ ଭିନ୍ନ ଜାତିର ଓ ଦେଶ-ବିଦେଶର ଲୋକ ବାସ କରନ୍ତି, ତାଙ୍କୁ ସହର କହନ୍ତି । ସହର ଗୋଟିଏ ଅତି ବଡ଼ ଗ୍ରାମ ପରି । ଗ୍ରାମ ଯେପରି କେତୋଟି ସାହିରେ ବିଭକ୍ତ ହୋଇଥାଏ, ସହର ସେହିପରି କେତୋଟି ବଜାର ଓ ଗଳିରେ ବିଭକ୍ତ ହୋଇଥାଏ । ଗ୍ରାମ ଅପେକ୍ଷା ସହରର ଲୋକେ ଧନୀ । ସହରର ଘରଗୁଡ଼ିକ ଅଧିକାଂଶ ପକ୍କା । ଏଠାରେ ଅନେକ ପ୍ରକାର ଦୋକାନ ଥାଏ ଓ ସବୁ ପ୍ରକାର ଜିନିଷ କିଣାବିକା ହୁଏ । ଏଥିରେ ସ୍କୁଲ, କଲେଜ, ଡାକ୍ତରଖାନା, ଡାକଘର ଓ କଚେରି ପ୍ରଭୃତି ଥାଏ । ଅନେକ ସହରର ରାସ୍ତାଗୁଡ଼ିକ ପକ୍କା ଓ ରାସ୍ତାରେ ବିଜୁଳି ଆଲୁଅ ଦିଆଯାଇଥାଏ । ପାଣିକଳଦ୍ୱାରା ଲୋକଙ୍କୁ ଭଲ ପିଇବା ପାଣି ଯୋଗାଇ ଦିଆ-ଯାଏ । ସହରରେ ମ୍ୟୁନିସିପାଲିଟି ସହରବାସୀଙ୍କର ଏହିସବୁ ସୁବିଧା କରିଥାନ୍ତି । ମଫସଲ ଅଞ୍ଚଳରେ ସପ୍ତାହରେ ଥରେ ବା ଦୁଇ ଥର ହାଟ ହୁଏ । ଲୋକମାନେ ହାଟକୁ ଆସି ସେମାନଙ୍କର ଦରକାରି ଜିନିଷ କିଣି ନିଅନ୍ତି । ମଫସଲର ବେପାରିମାନେ ସହରରୁ ସାବୁନ, ତେଲ, ଛୁରି, ଲଣ୍ଠନ, ଦର୍ପଣ ପ୍ରଭୃତି କିଣି ନେଇ ହାଟରେ ବିକନ୍ତି, ମାତ୍ର ସହରରେ ପ୍ରତିଦିନ ବଜାର ଲାଗିଥାଏ । ସହରର ବେପାରିମାନେ ହାଟକୁ ଯାଇ ସଜ ପନିପରିବା କିଣି ଆଣି ତାକୁ ସହରରେ ବିକନ୍ତି । ସହରରେ ବହୁତ କଳକାରଖାନା ଥାଏ । ସହରର

Digitized by PPRACHIN, SOA

ଲୋକମାନେ କୃଷି ଉପରେ ନିର୍ଭର କରନ୍ତି ନାହିଁ । ବ୍ୟବସାୟ ଓ ଚାକିରି କରି ସେମାନେ ଚଳନ୍ତି ।

ଗ୍ରାମରେ କଳକାରଖାନା ନ ଥାଏ; ତେଣୁ ଅବସର ସମୟରେ ଗ୍ରାମର ଲୋକମାନେ ସୁନ୍ଦର ହସ୍ତଶିଳ୍ପ କରନ୍ତି । ଯଥା—ତାଳପତ୍ର ଓ ବାଉଁଶ ପାଚିଆର ଡାଲା, ଝୋଟକେଇ, ସପ; ଢେଁକି, କତା ଦଉଡ଼ି, ଝୋଟ ଦଉଡ଼ି, ପଘା, ଶିକା ଇତ୍ୟାଦି ।

ସହରର ହସ୍ତଶିଳ୍ପ ମଧ୍ୟରେ ସୁନା ରୂପାର ତାରକସି କାମ, ଚମଡ଼ା ଓ ଶିଙ୍ଗକାମ, ଲୁହା ଓ ଦସ୍ତାକାମ ପ୍ରଧାନ । ସହରରେ ଯନ୍ତ୍ରଶିଳ୍ପ ବହୁତ । କଳଗୁଡ଼ିକ ସୁବିଧାରେ ଓ ଅଳ୍ପ ଖର୍ଚ୍ଚରେ ଚାଲିବା ପାଇଁ ସହରରେ ବିଜୁଳିଶକ୍ତି ମିଳେ । ତେଣୁ ତେଲକଳ, ଧାନକଳ, ଲୁଗାକଳ, ଛାପାକଳ ଇତ୍ୟାଦି ଚାଲେ ।

ଗ୍ରାମର ଲୋକମାନେ ଖୁବ୍ ପରିଶ୍ରମୀ । ସେମାନେ ଖରା, ବର୍ଷା, ଶୀତ ସହ୍ୟ କରି ଖୁବ୍ କଠିନ ପରିଶ୍ରମ କରନ୍ତି । ଭୋକ ଉପବାସରେ ମଧ୍ୟ ଦିନେ ଅଧେ କଟାଇଦେବାକୁ କୁଣ୍ଠିତ ହୁଅନ୍ତି ନାହିଁ । କିନ୍ତୁ ସହରର ଲୋକମାନେ ସେପରି ନୁହନ୍ତି । ସେମାନେ ସାଧାରଣତଃ ମାନସିକ ପରିଶ୍ରମ କରି ବେଶୀ ରୋଜଗାର କରୁଥିବାରୁ ସୁବିଧାରେ ଚଳନ୍ତି ।

ଗ୍ରାମର ଲୋକମାନେ ପରସ୍ପରଠାରୁ ସାହାଯ୍ୟ ପାଇ ଗୋଟିଏ ପରିବାରର ଲୋକ ପରି ଚଳନ୍ତି । ବଢ଼େଇ କୃଷୀର ସମସ୍ତ କୃଷି ଉପକରଣ, ଯଥା—ଲଙ୍ଗଳ, ଶଗଡ଼, ମଇ ଇତ୍ୟାଦି ତିଆରି କରିଦିଏ । କମାର କୋଡ଼ି, କାଙ୍କ, ଦା, ଶାବଳ, କଟୁରି

Digitized by PPRACHIN, SOA

ଇତ୍ୟାଦି ଯୋଗାଇଦିଏ । ଗଉଡ଼ ଦହି, ଦୁଧ, ଛେନା ଆଦି ଗ୍ରାମବାସୀମାନଙ୍କୁ ଯୋଗାଏ । ଏହିପରି ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ସାହାଯ୍ୟ କରି ଚଳନ୍ତି ।

ପ୍ରଶ୍ନ

୧ । କୃଷୀ ବଢେଇଠାରୁ କି ସାହାଯ୍ୟ ପାଏ ?

୨ । ସହରବାସୀ ଗ୍ରାମବାସୀ ଉପରେ ଏବଂ ଗ୍ରାମବାସୀ ସହରବାସୀ ଉପରେ ନିର୍ଭର କରେ କିପରି ?

୩ । ତୁମ ଗ୍ରାମ ନିକଟରେ କେଉଁଠାରେ ହାଟ ଅଛି ? ସେହି ହାଟ ସପ୍ତାହକେ କେତେ ଥର ବସେ ? ହାଟଦ୍ୱାରା ଲୋକମାନଙ୍କର କି ସୁବିଧା ହେଉଅଛି ?

୪ । ନିମ୍ନଲିଖିତ ଜିନିଷ କି କି ଦରକାରରେ ଆସେ ? ପଛିଆ, ନଉରୁଣୀ, ପାନିଆ, ପଘା, ଶାବଳ ।

୫ । କେତୋଟି ଜିନିଷର ନାଁ କହ, ଯାହାକୁ ତୁମେ ସହରରୁ କିଣି ଆଣି ତୁମ ଶ୍ରେଣୀରେ ବ୍ୟବହାର କରୁଛ ।

ପଞ୍ଚମ ଅଧ୍ୟାୟ

ଭାରତ ସମ୍ବନ୍ଧରେ ସ୍ଥୂଳ ଜ୍ଞାନ

ଏସିଆ ମହାଦେଶ ପୃଥିବୀର ପୂର୍ବତନ ଭୂଖଣ୍ଡରେ ଅବସ୍ଥିତ । ଏହା ପୃଥିବୀର ସବୁଠାରୁ ବଡ଼ ମହାଦେଶ । ମହାଦେଶଗୁଡ଼ିକୁ ଆୟତନ କ୍ରମରେ ସଜାଇଲେ ଏସିଆ, ଆଫ୍ରିକା,

Digitized by PPRACHIN, SOA

ଉତ୍ତର-ଆମେରିକା ଦକ୍ଷିଣ-ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ, ଆଣ୍ଟାର୍କଟିକା ଏହିପରି ରହିବେ ।

ଭାରତ ଏସିଆ ମହାଦେଶର ଦକ୍ଷିଣାଂଶରେ ଅବସ୍ଥିତ । ଏହା ଗୋଟିଏ ପ୍ରାଚୀନ ସଭ୍ୟ ଦେଶ । ଇଂରେଜମାନେ ପ୍ରାୟ ୨୦୦ ବର୍ଷ ହେଲା ଭାରତ ଅଧିକାର କରି ଶାସନ କରୁଥିଲେ । ଆମ ଜାତିର ପିତା ମହାତ୍ମା ଗାନ୍ଧିଙ୍କ ଚେଷ୍ଟାରେ ଏହା ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରୁ ସ୍ୱାଧୀନତା ଲଭ କରିଛି । କିନ୍ତୁ ଦୁଃଖର କଥା, ଏହା ସ୍ୱାଧୀନ ହେବା ସଙ୍ଗେ ସଙ୍ଗେ ଦୁଇ ଭାଗରେ ବିଭକ୍ତ ହୋଇଯାଇଛି; ଯଥା—ଭାରତ ୟୁନିଅନ୍ ଓ ପାକିସ୍ଥାନ ।

ପାକିସ୍ଥାନ ଗଠନ—ଯେଉଁ ଯେଉଁ ଅଞ୍ଚଳରେ ମୁସଲମାନ ବେଶୀ, ସେହି ସେହି ଅଞ୍ଚଳକୁ ନେଇ ପାକିସ୍ଥାନ ଗଠିତ ହୋଇଅଛି ।

ସିନ୍ଧୁ ପ୍ରଦେଶ ଓ ବେଲୁଚିସ୍ଥାନ, ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶ, ପଶ୍ଚିମ-ପଞ୍ଜାବ, ପୂର୍ବ-ବଙ୍ଗ ଓ ଆସାମ ପ୍ରଦେଶର ସିଲେଟ ଜିଲ୍ଲାକୁ ନେଇ ପାକିସ୍ଥାନ ଗଢ଼ା ଯାଇଅଛି । ପାକିସ୍ଥାନର ମୋଟ ଲୋକସଂଖ୍ୟା ପ୍ରାୟ ସାଢ଼େ ସାତ କୋଟି ।

ଭାରତ ୟୁନିଅନ—ପାକିସ୍ଥାନ୍ ଗଠିତ ହେବା ପରେ ଭାରତରେ ନିମ୍ନଲିଖିତ ପ୍ରଦେଶଗୁଡ଼ିକ ରହିଲ ଓ ଏହି ପ୍ରଦେଶ-ମାନଙ୍କୁ ନେଇ ଭାରତ ୟୁନିଅନ ଗଠିତ ହୋଇଅଛି ।

Digitized by PPRACHIN, SOA

(୧) ଆସାମ
(୨) ପଶ୍ଚିମ-ବଙ୍ଗ
(୩) ବିହାର
(୪) ଓଡ଼ିଶା
(୫) ଉତ୍ତର ପ୍ରଦେଶ
(୬) ପୂର୍ବ-ପଞ୍ଜାବ
(୭) ବମ୍ବେ
(୮) ମଧ୍ୟପ୍ରଦେଶ
(୯) ମାନ୍ଦ୍ରାଜ
(୧୦) ରାଜସ୍ଥାନ
(୧୧) ମଧ୍ୟଭାରତ
(୧୨) ବିନ୍ଧ୍ୟପ୍ରଦେଶ
(୧୩) ସୌରାଷ୍ଟ୍ର
(୧୪) ହାଇଦ୍ରାବାଦ
(୧୫) କାଶ୍ମୀର
(୧୬) ମହୀଶୂର
(୧୭) ପେପସୁ
(୧୮) ତ୍ରିବାଙ୍କୁଡ଼-କୋଚିନ
(୧୯) ଆଜମୀର
(୨୦) ଭୋପାଳ
(୨୧) ବିଳାସପୁର
(୨୨) କୁର୍ଗ
(୨୩) କୁଚବିହାର
(୨୪) ଦିଲ୍ଲୀ
(୨୫) ହିମାଚଳପ୍ରଦେଶ
(୨୬) କଚ୍ଛ
(୨୭) ମଣିପୁର
(୨୮) ତ୍ରିପୁରା
(୨୯) ଆଣ୍ଡାମାନ ଓ ନିକୋବର

ଚତୁଃସୀମା—ଭାରତର ଉତ୍ତରରେ ହିମାଳୟ ପର୍ବତ-ଶ୍ରେଣୀ, ଦକ୍ଷିଣରେ ଭାରତ ମହାସାଗର, ପଶ୍ଚିମରେ ଆରବସାଗର ଓ ପାକିସ୍ଥାନ, ପୂର୍ବରେ ବଙ୍ଗୋପସାଗର, ପୂର୍ବ-ପାକିସ୍ଥାନ ଓ ବ୍ରହ୍ମଦେଶ ଅବସ୍ଥିତ । ପୂର୍ବେ ବ୍ରହ୍ମଦେଶ ଭାରତର ଗୋଟିଏ ଅଂଶରୂପେ ଥିଲା । ୧୯୩୭ ମସିହା ଏପ୍ରିଲ ପହିଲା ତାରିଖରୁ ଏହା ଭାରତରୁ ଅଲଗା ହୋଇ ଗୋଟିଏ ସ୍ୱତନ୍ତ୍ର ରାଷ୍ଟ୍ର ହୋଇଅଛି ।

Digitized by PPRACHIN, SOA

ଲୋକସଂଖ୍ୟା—ଭାରତ ଗୋଟିଏ ଜନବହୁଳ ଦେଶ । ସମଗ୍ର ପୃଥିବୀରେ ଯେତେ ଲୋକ ବାସ କରନ୍ତି, ତାର ପ୍ରାୟ ପାଞ୍ଚ ଭାଗରୁ ଏକ ଭାଗ ଲୋକ କେବଳ ଭାରତରେ ହିଁ ବାସ କରନ୍ତି । ସମୁଦାୟ ପୃଥିବୀରେ ଯେତେ ପ୍ରକାର ଜିନଷ ମିଳେ, ଏକା ଭାରତରେ ପ୍ରାୟ ସେତିକ ପ୍ରକାର ଜିନଷ ମିଳପାରେ । ଭାରତ ସବୁ ପ୍ରକାର ଖଣିଜ ଓ ବନ୍ୟ ସମ୍ପଦରେ ପୂର୍ଣ୍ଣ । ବହୁ ପ୍ରାକୃତିକ ସୌନ୍ଦର୍ଯ୍ୟ ଭାରତରେ ଠୁଳ ହୋଇଛି । ମୋଟ ଉପରେ ସମଗ୍ର ପୃଥିବୀରେ ପ୍ରାୟ ଏପରଜିନଷ ନାହିଁ, ଯାହା କ ଭାରତରେ ନ ମିଳେ । ଏଥିରେ ଅସଭ୍ୟ ଆଦିମବାସୀ ଅଛନ୍ତି; ଅତି ସଭ୍ୟ ଆର୍ଯ୍ୟ ମଧ୍ୟ ଅଛନ୍ତି । ଏଣୁ ଭାରତକୁ ଗୋଟିଏ ଶ୍ରେଷ୍ଠ ମହାଦେଶ ବା ଶ୍ରେଷ୍ଠ ପୃଥିବୀ ବୋଲ କୁହାଯାଏ ।

ଭାରତର ପ୍ରଧାନ ପ୍ରଧାନ ନଦୀ ଓ ପର୍ବତମାନ—ଗଙ୍ଗା ଭାରତର ସବୁଠାରୁ ବଡ଼ ନଦୀ । ଏହା ହିମାଳୟ ପର୍ବତରୁ ବାହାର ବଙ୍ଗୋପସାଗରରେ ପଡ଼ିଛି । ଏହା ୧୫୧୪ ମାଇଲ ଲମ୍ବ ଅଟେ । ଏହାଛଡ଼ା ବ୍ରହ୍ମପୁତ୍ର, ସିନ୍ଧୁ, ନର୍ମଦା, ତାପ୍ତୀ, ଗୋଦାବରୀ, କୃଷ୍ଣା, କାବେରୀ, ମହାନଦୀ ପ୍ରଭୃତି ନଦୀମାନେ ଭାରତରେ ପ୍ରବାହିତ ହେଉଅଛନ୍ତି । ସିନ୍ଧୁ ନଦୀର ଅଧିକାଂଶ ପଶ୍ଚିମ-ପାକସ୍ଥାନରେ ଓ ବ୍ରହ୍ମପୁତ୍ରର କଛି ଅଂଶ ପୂର୍ବ-ପାକସ୍ଥାନରେ ବହି ଯାଉଅଛି ।

ହିମାଳୟ ପର୍ବତ ଭାରତର ଉତ୍ତର ଦିଗରେ ପ୍ରାଚୀର ପର ଘେର ରହିଛି । ଏଭରେଷ୍ଟ ଏହାର ଉଚ୍ଚତମ ଶୃଙ୍ଗ । ଏହା-ଛଡ଼ା ବିନ୍ଧ୍ୟ, ଆରାବଲୀ, ସାତପୁରା, ନୀଳଗିରି ପର୍ବତମାଳା ଭାରତରେ ଅବସ୍ଥିତ । ଦକ୍ଷିଣ-ଭାରତର ପଶ୍ଚିମରେ ପଶ୍ଚିମଘାଟ ଓ

Digitized by PPRACHIN, SOA

ପୂର୍ବରେ ପୂର୍ବଘାଟ ପର୍ବତମାଳା ରହିଅଛି । ଆସାମରେ ଗାରେ, ଖାସିଆ, ନାଗା ପ୍ରଭୃତି ପର୍ବତ ଓ ରାଜପୁତାନାରେ ଲବଣ ପର୍ବତ ଅବସ୍ଥିତ ।

ହ୍ରଦ ଓ ଦ୍ୱୀପ—କାଶ୍ମୀରରେ ଉଲାର ଓ ଡାଲ୍ ହ୍ରଦ ଏବଂ ରାଜପୁତାନାରେ ସମ୍ବର ହ୍ରଦ ଅବସ୍ଥିତ । ଚିଲିକା, ସର ଓ

Digitized by PPRACHIN, SOA

ଅଂଶୁପା ହ୍ରଦମାନ ଓଡ଼ିଶା ପ୍ରଦେଶରେ ରହି ପ୍ରାକୃତିକ ଶୋଭା ବଢ଼ାଉଅଛନ୍ତି । ଚିଲିକାମଧ୍ୟରେ ପାରିକୁଦ ଦ୍ୱୀପ ଅବସ୍ଥିତ । ଆଣ୍ଡାମାନ, ନିକୋବର ପ୍ରଭୃତି ଦ୍ୱୀପ ଭାରତ ରାଷ୍ଟ୍ରର ଅନ୍ତର୍ଗତ ।

ବନ୍ଦର—ଭାରତରେ ବମ୍ବେ, ମାନ୍ଦ୍ରାଜ ଓ କଲିକତା ପ୍ରଧାନ ବନ୍ଦର । କରାଚୀ ପାକିସ୍ଥାନର ପ୍ରଧାନ ବନ୍ଦର ଅଟେ ।

ପ୍ରାକୃତିକ ବିଭାଗ—ଭାରତକୁ ୪ ଗୋଟି ପ୍ରାକୃତିକ ବିଭାଗରେ ବିଭକ୍ତ କରାଯାଇଅଛି :—

୧ । ହିମାଳୟର ପାହାଡ଼ିଆ ଭୂମି

୨ । ହିନ୍ଦୁସ୍ଥାନ ଓ ପାକିସ୍ଥାନର ଉତ୍ତର ଭାରଖଣ୍ଡ ସମତଳ ଭୂମି

୩ । ଦକ୍ଷିଣ-ଭାରତର ମାଳଭୂମି

୪ । ସମୁଦ୍ର ଉପକୂଳସ୍ଥ ସମତଳ ଭୂମି

ଜଙ୍ଗଲ—ହିମାଳୟର ପାଦଦେଶରେ ଅଧିକ ଜଙ୍ଗଲ ଦେଖାଯାଏ । ଦକ୍ଷିଣ-ଭାରତର ମାଳଭୂମିର ଅଧିକାଂଶ ସ୍ଥାନ ଅରଣ୍ୟପୂର୍ଣ୍ଣ । ଏହା ବ୍ୟତୀତ ଆସାମର ପାହାଡ଼ମାନଙ୍କ ନିମ୍ନଦେଶରେ ଅଧିକ ଜଙ୍ଗଲ ଦେଖାଯାଏ । ଏହି ଜଙ୍ଗଲମାନଙ୍କରୁ ଅନେକ କାଠ, ବାଉଁଶ, ଚମଡ଼ା, ହାତୀଦାନ୍ତ, ଶିଙ୍ଗ, ଲାଖ, ଝୁଣା ପ୍ରଭୃତି ମୂଲ୍ୟବାନ୍ ପଦାର୍ଥ ସଂଗୃହୀତ ହୁଏ ।

ଜଳବାୟୁ—ଭାରତ ଗୋଟିଏ ଗ୍ରୀଷ୍ମପ୍ରଧାନ ଦେଶ । ଖରାଦିନେ ପାହାଡ଼ିଆ ଅଞ୍ଚଳମାନଙ୍କରେ ବେଶୀ ଗ୍ରୀଷ୍ମ ଓ

Digitized by PPRACHIN, SOA

ଶୀତଦିନେ ବେଶୀ ଶୀତ ହୁଏ । ଭାରତରେ ଦୁଇ ପ୍ରକାର ବାୟୁ ବହି ବୃଷ୍ଟି କରାଏ । ଜୁନଠାରୁ ଅକ୍‌ଟୋବର ପର୍ଯ୍ୟନ୍ତ ଯେଉଁ ବାୟୁ ଭାରତ ମହାସାଗର ଆଡ଼ୁ ବହୁଥାଏ,ତାକୁ **ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ** କହନ୍ତି । ଏହି ବାୟୁ ଦ୍ୱାରା ପଶ୍ଚିମ ଉପକୂଳରେ ଅଧିକ ବର୍ଷା ହୁଏ । ଏହାଯୋଗୁଁ ଆସାମର ପାହାଡ଼ମାନଙ୍କରେ ଅତ୍ୟଧିକ ବୃଷ୍ଟିପାତ ହୁଏ । ଏହି ମୌସୁମୀ ବାୟୁ ଆସାମ ଆଡ଼ୁ ଯାଇ ହିମାଳୟରେ ବାଧା ପାଇବାରୁ ଉତ୍ତରଆଡ଼କୁ ଗତି କରି ନ ପାରି ହିମାଳୟ ପାଖେ ପାଖେ ପଶ୍ଚିମ ଦିଗକୁ ଗତି କରେ । ଏହା ପଶ୍ଚିମ ଆଡ଼କୁ ଗତି କରୁ କରୁ ବାଟରେ ବର୍ଷା କରି କରି ଯାଉଥାଏ । କ୍ରମେ ପଶ୍ଚିମ ଆଡ଼କୁ ଏହାର ବୃଷ୍ଟି ପରିମାଣ ଊଣା ହେଉଥାଏ । ତେଣୁ ପଞ୍ଜାବରେ ଅତି ଅଳ୍ପ ବୃଷ୍ଟିପାତ ହୁଏ ।

ଶୀତଦିନେ ଉତ୍ତର-ପୂର୍ବ ଦିଗରୁ ଭାରତ ଉପରେ ଗୋଟିଏ ବାୟୁ ବହେ । ଏହାକୁ **ଉତ୍ତର-ପୂର୍ବ ମୌସୁମୀ ବାୟୁ** କହନ୍ତି । ଏହାଦ୍ୱାରା ହିମାଳୟର ନିକଟବର୍ତ୍ତୀ ଅଞ୍ଚଳରେ ବେଶୀ ଶୀତ ହୁଏ । ଏ ବାୟୁରେ ବେଶୀ ବର୍ଷା ହୁଏ ନାହିଁ । ଏହି ବାୟୁର ଯେଉଁ ଅଂଶ ବଙ୍ଗୋପସାଗର ଉପର ଦେଇ ଯାଏ, ତାହାଦ୍ୱାରା ସିଂହଳ ଓ ମାନ୍ଦ୍ରାଜରେ ପ୍ରଚୁର ବର୍ଷା ହୁଏ ।

ସ୍ୱାସ୍ଥ୍ୟକର ସ୍ଥାନ—ଦାର୍ଜିଲିଂ, ମସୁରି, ସିମଳା, ଡେରାଡୁନ୍, ନୈନିତାଲ, ରାଞ୍ଚି, ମହାବଳେଶ୍ୱର, ଉତକାମଣ୍ଡ ପ୍ରଭୃତି ବହୁ ସ୍ୱାସ୍ଥ୍ୟକର ସ୍ଥାନ ଭାରତରେ ଅଛି ।

ଭାରତର ଶିଳ୍ପ—ଭାରତର ଶତକଡ଼ା ପ୍ରାୟ ୭୫ ଜଣ କୃଷି ଉପରେ ନିର୍ଭର କରି ଚଳନ୍ତି । ଆମ ଦେଶରେ ଯନ୍ତ୍ରଶିଳ୍ପ

Digitized by PPRACHIN, SOA

ବହୁଳ ପରିମାଣରେ ଚଳିବା ପାଇଁ ବହୁତ କଞ୍ଚାମାଲ ଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାର ପ୍ରସାର ହୋଇପାରି ନାହିଁ । କ୍ରମେ ନୂଆ ନୂଆ କଳକାରଖାନାମାନ ବସୁଛି ।

ଭାରତର ବମ୍ବେ, ଅହମଦାବାଦ, କଲିକତା, କାନପୁର, ନାଗପୁର ପ୍ରଭୃତିରେ ବହୁସଂଖ୍ୟକ ଲୁଗାକଳ ସ୍ଥାପିତ ହୋଇଅଛି ।

କଲିକତା ନିକଟବର୍ତ୍ତୀ ହୁଗୁଳୀ ନଦୀକୂଳରେ ବହୁତ ଝୋଟକଳ ପ୍ରତିଷ୍ଠିତ ହୋଇ ଯାଇଥିବାରୁ ଝୋଟଜିଆରି ଜିନିଷ ଦେଶବିଦେଶକୁ ପଠାଯାଉଅଛି ।

ଅମୃତସର, ଲୁଧିଆନା, କାଶ୍ମୀର ପ୍ରଭୃତି ସ୍ଥାନରେ ଅତି ସୁନ୍ଦର ଓ ମୂଲ୍ୟବାନ୍ ପଶମବସ୍ତ୍ର ପ୍ରସ୍ତୁତ ହୁଏ ।

ଟିଟାଗଡ଼, ଲକ୍ଷ୍ନୌ, ବ୍ରଜରାଜନଗର ପ୍ରଭୃତିରେ କାଗଜ-କଳମାନ ସ୍ଥାପିତ ହୋଇଅଛି ।

ଲୁହାର ଏକ ବିରାଟ କାରଖାନା ବିହାରର ଜାମସେଦପୁର-ଠାରେ ସ୍ଥାପିତ ହୋଇଅଛି । ଏହା ପୃଥିବୀରେ ଏକ ବଡ଼ ଲୁହା କାରଖାନା ଅଟେ । ଏହା ବ୍ୟତୀତ ଆଉ କେତୋଟି ଲୁହା କାରଖାନା ମଧ୍ୟ ସ୍ଥାପିତ ହେଲାଣି ।

ମାନ୍ଦ୍ରାଜ, ଦିଲ୍ଲୀ ଓ କାନପୁରଠାରେ ଚମଡ଼ାର ବଡ଼ ବଡ଼ କାରଖାନାମାନ ସ୍ଥାପିତ ହୋଇଥିବାରୁ ସେ ସବୁରେ ଜୋତା, ଚଟି, ବ୍ୟାଗ୍ ଓ ଅନ୍ୟାନ୍ୟ ବହୁ ଚମଡ଼ା ଦ୍ରବ୍ୟ ପ୍ରସ୍ତୁତ ହେଉଅଛି ।

Digitized by PPRACHIN, SOA

—ଲୋକ ସଂଖ୍ୟା ଅନୁପାତରେ ପାଞ୍ଚଟି ବୃହତ୍ତମ ସହର—

(୧) ବମ୍ବେ ୨,୮୪୦,୦୦୦, (୨) କଲିକତା ୨,୫୪୮,୭୦୦, (୩) ମାନ୍ଦ୍ରାଜ ୧,୪୩୦,୦୦୦, (୪) ହାଇଦରାବାଦ ୧,୦୮୫୧୦୦, (୫) ଦିଲ୍ଲୀ ୯୧୪,୭୦୦ ।

Digitized by PPRACHIN, SOA

ପ୍ରସିଦ୍ଧ ସ୍ଥାନ—

ଦିଲ୍ଲୀ—ଏହା ବହୁ ପ୍ରାଚୀନ କାଳରୁ ଭାରତର ରାଜଧାନୀ ଥିଲା । ଏବେ ମଧ୍ୟ ଭାରତର ରାଜଧାନୀ ଅଟେ ।

କଲିକତା—ଏହା ଆଗେ ଭାରତର ରାଜଧାନୀ ଥିଲା । ବର୍ତ୍ତମାନ ପଶ୍ଚିମ-ବଙ୍ଗର ରାଜଧାନୀ ଅଟେ । କଲିକତା ଭାରତର ଗୋଟିଏ ବଡ଼ ନଗର ଓ ବନ୍ଦର ।



[ବମ୍ବେର ଭିକ୍ଟୋରିଆ ଟରମିନାସ]

ବମ୍ବେ—ଏହା ଗୋଟିଏ ପ୍ରଧାନ ବନ୍ଦର ଓ ବମ୍ବେ ପ୍ରଦେଶର ରାଜଧାନୀ ଅଟେ । ଏଠାରେ ବହୁତ ଲୁଗାକଳ ଅଛି ।

Digitized by PPRACHIN, SOA

ମାନ୍ଦ୍ରାଜ—ଏହା ମାନ୍ଦ୍ରାଜ ପ୍ରଦେଶର ରାଜଧାନୀ ଓ ଗୋଟିଏ ବଡ଼ ବନ୍ଦର । ଏଠାରେ ଲୁଗାକଳ, ଚମଡ଼ା କାରଖାନା ପ୍ରଭୃତି ଅଛି ।

ଅହମଦାବାଦ—ଏଠାରେ ପ୍ରାୟ ୮୦ଟି ଲୁଗାକଳ ଅଛି । ତେଣୁ ବହୁ ପରିମାଣରେ ଲୁଗା ଏଠାରୁ ଦେଶ ବିଦେଶକୁ ପଠାଯାଏ ।



[ବନାରସଠାରେ ଗଙ୍ଗାନଦୀର ଘାଟ]

ବନାରସ—ଏହା ହିନ୍ଦୁମାନଙ୍କର ଗୋଟିଏ ପ୍ରଧାନ ତୀର୍ଥସ୍ଥାନ । ସଂସ୍କୃତ ଶିକ୍ଷାର କେନ୍ଦ୍ରରୂପେ ଏହା ଭାରତରେ ପ୍ରସିଦ୍ଧି ଲାଭ କରିଅଛି ।

ଏଲାହାବାଦ—ଏହା ଗଙ୍ଗା ଓ ଯମୁନା ନଦୀର ମିଳନ-ସ୍ଥାନରେ ଅବସ୍ଥିତ ଏକ ହିନ୍ଦୁତୀର୍ଥ ।

Digitized by PPRACHIN, SOA

ଆଗ୍ରା—ଏହା ଯମୁନା ନଦୀକୂଳରେ ଅବସ୍ଥିତ । ଏଠାରେ ମୋଗଲସମ୍ରାଟ୍ ସାହାଜାହାନ ତାଙ୍କ ପତ୍ନୀ ମମତାଜମହଲଙ୍କ ସ୍ମୃତିରକ୍ଷା ପାଇଁ ପୃଥିବୀବିଖ୍ୟାତ ତାଜମହଲ ନିର୍ମାଣ କରିଥିଲେ ।

ଅମୃତସର—ଏହା ପୂର୍ବ-ପଞ୍ଜାବର ପ୍ରଧାନ ସହର । ଏଠାରେ ଶିଖମାନଙ୍କର ଗୋଟିଏ ସ୍ୱର୍ଣ୍ଣମନ୍ଦିର ଅଛି ।

ସିମଲା—ଏହା ହିମାଳୟ ଉପରେ ଅବସ୍ଥିତ ଏକ ସ୍ୱାସ୍ଥ୍ୟକର ସ୍ଥାନ । ଏହା ଭାରତ ସରକାର ଓ ପୂର୍ବ-ପଞ୍ଜାବ ସରକାରଙ୍କର ଗ୍ରୀଷ୍ମକାଳୀନ ରାଜଧାନୀ ।



[ଡାଲ ହ୍ରଦ]

ଦାର୍ଜିଲିଂ—ଏହା ଏକ ସ୍ୱାସ୍ଥ୍ୟନିବାସ । ପଶ୍ଚିମ-ବଙ୍ଗ ସରକାରଙ୍କର ଏହା ଗ୍ରୀଷ୍ମକାଳୀନ ରାଜଧାନୀ ଅଟେ ।

Digitized by PPRACHIN, SOA

ଶ୍ରୀନଗର—ଏହା କାଶ୍ମୀରର ରାଜଧାନୀ । ଏଠାର ପ୍ରାକୃତିକ ଦୃଶ୍ୟ ଅତି ସୁନ୍ଦର । ଏଠାରେ ଉତ୍କୃଷ୍ଟ ରେଶମ ଓ ପଶମ ବସ୍ତ୍ର ପ୍ରସ୍ତୁତ ହୁଏ ।

ପୁରୀ—ଏହା ସମୁଦ୍ରକୂଳରେ ଅବସ୍ଥିତ ଓ ଜଗନ୍ନାଥଙ୍କ ମନ୍ଦିର ଯୋଗୁଁ ଭାରତପ୍ରସିଦ୍ଧ ।

କଟକ—ଏହା ବହୁତ ଦିନରୁ ଓଡ଼ିଶା ରାଜାମାନଙ୍କର ରାଜଧାନୀ ଥିଲା । ଭୁବନେଶ୍ୱରରେ ନୂତନ ରାଜଧାନୀ ହେବା ପୂର୍ବରୁ ଏହା ଓଡ଼ିଶା ପ୍ରଦେଶର ରାଜଧାନୀ ଥିଲା । ଏଠାରେ ହାଇକୋର୍ଟ, ରେଭେନ୍‌ସା କଲେଜ, ମେଡ଼ିକାଲ କଲେଜ ପ୍ରଭୃତି ଅଛି ।

ଭୁବନେଶ୍ୱର—ଲିଙ୍ଗରାଜ ମନ୍ଦିର ଓ ଆଉ ଅନେକ ଶିବ ମନ୍ଦିର ଲାଗି ଏହା ଭାରତପ୍ରସିଦ୍ଧ ଅଟେ । ଏହା ଓଡ଼ିଶାର ନୂତନ ରାଜଧାନୀ ।

ପ୍ରଶ୍ନ

୧ । ଶୂନ୍ୟସ୍ଥାନ ପୂରଣ କର :—(କ)—ଭାରତର ଉଚ୍ଚତମ ପର୍ବତ । (ଖ) ଭାରତର ପୂର୍ବରେ — ପର୍ବତ ଓ — ପଶ୍ଚିମଘାଟ ପର୍ବତ ଅଛି । (ଗ) ଓଡ଼ିଶାରେ — ଓ — ଦୁଇଟି ବଡ଼ ହ୍ରଦ ।

୨ । ବଙ୍ଗୋପସାଗରରେ ପଡ଼ୁଥିବା ଦୁଇଟି ନଦୀର ଏବଂ ଆରବ-ସାଗରରେ ପଡ଼ୁଥିବା ଦୁଇଟି ନଦୀର ନାମ ଲେଖ ।

୩ । ଝୋଟ, କପା ଓ ଚମଡ଼ା କାରଖାନାମାନ କେଉଁ କେଉଁଠାରେ ଦେଖାଯାଏ ?

୪ । ଦିଲ୍ଲୀ, ଅମୃତସର, ଭୁବନେଶ୍ୱର, ଆଗ୍ରା ଓ ପୁରୀ କାହିଁକି ପ୍ରସିଦ୍ଧ ?

୫ । ଭାରତକୁ କାହିଁକି ଗୋଟିଏ ଶ୍ରେଷ୍ଠ ପୃଥିବୀ କୁହାଯାଇପାରେ ?

Digitized by PPRACHIN, SOA

ଷଷ୍ଠ ଅଧ୍ୟାୟ

ଭାରତର ପଥ ଓ ଯାନବାହନ

ଯିବା ଆସିବା କରିବାକୁ ଓ ଜିନିଷପତ୍ର ନେବା ଆଣିବା ପାଇଁ ଆମ୍ଭମାନଙ୍କର ରାସ୍ତା ଓ ଯାନବାହନ ନିତାନ୍ତ ଦରକାର । ଆମ ଦେଶର ଅଧିକାଂଶ ରାସ୍ତା କଚ୍ଚା ଓ ବର୍ଷା ଋତୁରେ କୌଣସି ଯାନବାହନ ତାହା ଉପରେ ଯାଇପାରେ ନାହିଁ । ଦେଶର ପ୍ରଧାନ ପ୍ରଧାନ ସ୍ଥାନମାନଙ୍କୁ ପକ୍କା ସଡ଼କମାନ ପଡ଼ିଛି । କଚ୍ଚା ରାସ୍ତାରେ ବଳଦଗାଡ଼ି, ସାଇକେଲ ଓ ସମୟ ସମୟରେ ମଟର-ଗାଡ଼ି ଓ ଟ୍ରକ୍ ଚାଲେ । ଦେଶ ସ୍ୱାଧୀନ ହେବାରୁ ବର୍ତ୍ତମାନ ସରକାର ରାସ୍ତାଘାଟର ଉନ୍ନତି ପାଇଁ ଉଦ୍ୟମ କରୁଛନ୍ତି । ଦେଶର ସମତଳ ଅଂଶରେ ଅଧିକ ଲୋକ ବାସ କରୁଥିବାରୁ ସେହି ଅଂଶରେ ଅଧିକସଂଖ୍ୟକ ରାସ୍ତା ଦେଖାଯାଏ ।

ସାଧାରଣତଃ ସହରର ରାସ୍ତାଗୁଡ଼ିକ ପକ୍କା ହୋଇଥାଏ । ଏଥିରେ ଅନବରତ ମଟର, ଟ୍ରକ୍, ଘୋଡ଼ାଗାଡ଼ି, ସାଇକେଲ, ରିକ୍ସା ପ୍ରଭୃତି ଚାଲୁଥାଏ । କଲିକତା, ମାନ୍ଦ୍ରାଜ ପ୍ରଭୃତି ବଡ଼ ବଡ଼ ସହରରେ ଟ୍ରାମ୍‌ଗାଡ଼ି ମଧ୍ୟ ଚାଲେ ।

ରେଳପଥ—ଭାରତରେ ବହୁତ ରେଳପଥ ଅଛି । ଭାରତର ସମତଳ ଅଞ୍ଚଳରେ ଜାଲ ପରି ରେଳରାସ୍ତା ଛନ୍ଦିହୋଇ ରହିଛି । ମାତ୍ର ଦାକ୍ଷିଣାତ୍ୟରେ ଭୂମି ଅତି ଅସମାନ ହୋଇଥିବାରୁ ଏଠାରେ ରେଳରାସ୍ତା ନିର୍ମାଣ ସେତେ ସୁବିଧା-ଜନକ ନୁହେଁ । ଆମ ଓଡ଼ିଶା ପ୍ରଦେଶର ଉପକୂଳ

Digitized by PPRACHIN, SOA

ଅଞ୍ଚଳରେ ଗୋଟିଏ ରେଳପଥ ବଙ୍ଗଳାରୁ ମଧ୍ୟପ୍ରଦେଶର ନାଗପୁର ପର୍ଯ୍ୟନ୍ତ ଯାଇଅଛି । ଏହାର ଆଉ ଗୋଟିଏ ଶାଖା ରେଳପଥ



[ରେଳଗାଡ଼ି]

ଖଡ଼୍‌ଗପୁରରୁ ଓଡ଼ିଶା ଦେଇ ମାନ୍ଦ୍ରାଜ ପ୍ରଦେଶ ଆଡ଼କୁ ଯାଇଛି । ଏହି ରେଳପଥ ପୂର୍ବାଞ୍ଚଳ ରେଳପଥ ବା ଇଷ୍ଟର୍ଣ୍ଣ ରେଲ୍‌ଓଏ୍ୱର ଅନ୍ତର୍ଗତ ।

ଜଳପଥ—ବର୍ଷା ସମୟରେ ପ୍ରାୟ ପ୍ରତ୍ୟେକ ନଦୀରେ ନୌକା ଯିବାଆସିବା କରୁଥିବା ଦେଖିଥିବ । ଗଙ୍ଗା, ବ୍ରହ୍ମପୁତ୍ର, ସିନ୍ଧୁ ପ୍ରଭୃତି ବଡ଼ ବଡ଼ ନଦୀମାନଙ୍କରେ ବର୍ଷସାରା ବହୁତ ପାଣି ଥାଏ । ଏଥିପାଇଁ ଏମାନଙ୍କରେ ବଡ଼ ବଡ଼ ନୌକା, ଷ୍ଟିମର୍ ପ୍ରଭୃତି ବ୍ୟବହୃତ ହୁଏ । ଷ୍ଟିମର୍ ବା ଲଞ୍ଚ୍ ପେଟ୍ରୋଲ୍ ଇଞ୍ଜିନ୍ ସାହାଯ୍ୟରେ ନୌକାଠାରୁ ଖୁବ୍ ବେଗରେ ଯାଏ ।

Digitized by PPRACHIN, SOA

ସମୁଦ୍ରରେ ଆଗେ ଆମ ଦେଶର ଲୋକେ ବଡ଼ ବଡ଼ ପାଲ-ଟଣା ନୌକା ସାହାଯ୍ୟରେ ବହୁ ଦୂରବର୍ତ୍ତୀ ସ୍ଥାନମାନଙ୍କୁ ଯାଇ ବାଣିଜ୍ୟ କରୁଥିଲେ । ଏବେ ସମୁଦ୍ରରେ ଯିବାପାଇଁ ଜାହାଜ ତିଆରି ହୋଇଛି । ଏହା ବାଷ୍ପ ସାହାଯ୍ୟରେ ଚାଲେ ।



[ଜାହାଜ]

ଏହା ଆକାରରେ ଖୁବ୍ ବଡ଼ । ଜାହାଜ ଯୋଗୁଁ ଦେଶ-ବିଦେଶରେ ବାଣିଜ୍ୟ କରିବା ସୁବିଧାଜନକ ହୋଇଛି । କଲିକତା, ବମ୍ବେ, ମାନ୍ଦ୍ରାଜ ପ୍ରଭୃତି ସ୍ଥାନରୁ ପ୍ରତିଦିନ ଅନେକ ଜାହାଜ ନାନାପ୍ରକାର ଜିନିଷ ଓ ବହୁସଂଖ୍ୟକ ଯାତ୍ରୀ ନେଇ ଇଂଲଣ୍ଡ, ଆମେରିକା, ଚୀନ, ଜାପାନ ପ୍ରଭୃତି ଦେଶକୁ ଯା-ଆସ କରୁଛି ।

Digitized by PPRACHIN, SOA

ଆକାଶପଥ—ଉଡ଼ାଜାହାଜ ପେଟ୍ରୋଲ୍ ସାହାଯ୍ୟରେ ଅତି ଦ୍ରୁତଗତିରେ ଆକାଶପଥରେ ଚଳେ । ଭାରତର କେତେକ ସ୍ଥାନରୁ ପ୍ରତିଦିନ ଉଡ଼ାଜାହାଜ ଡାକ ଓ ଲୋକ ନେଇ ଯିବା-ଆସିବା କରେ । ଉଡ଼ାଜାହାଜ ଯେଉଁ ସ୍ଥାନରେ ଓହ୍ଲାଏ ତାକୁ ଏରୋଡ୍ରାମ୍ କହନ୍ତି । ଭାରତରେ ଦିଲ୍ଲୀ, ବମ୍ବେ, ସିଲଂ, ନାଗପୁର, ମାନ୍ଦ୍ରାଜ ପ୍ରଭୃତି ସ୍ଥାନରେ ଏହିପରି ଏରୋଡ୍ରାମ୍ ଅଛି । ଆମ ଓଡ଼ିଶାର ଭୁବନେଶ୍ୱରରେ ମଧ୍ୟ ଗୋଟିଏ ଏରୋଡ୍ରାମ୍ ଅଛି । ପାକିସ୍ଥାନ ଅନ୍ତର୍ଗତ କରାଚୀ ଉଡ଼ାଜାହାଜ ଯିବା ଆସିବା ପାଇଁ ଗୋଟିଏ ବଡ଼ ଷ୍ଟେସନ ଅଟେ ।

ପ୍ରଶ୍ନ

୧ । ଭାରତବର୍ଷ କେତୋଟି ପ୍ରାକୃତିକ ବିଭାଗରେ ବିଭକ୍ତ ? ଆମ ଓଡ଼ିଶା ସେଥିମଧ୍ୟରୁ କେଉଁ ବିଭାଗର ଅନ୍ତର୍ଗତ ?

୨ । 'କ' ବିଭାଗର କେଉଁ ସହର ସହିତ 'ଖ' ବିଭାଗର କେଉଁ କାରଖାନାର ସମ୍ବନ୍ଧ ଅଛି ?

'କ'—ଅହମଦାବାଦ, କାନପୁର, ବାରଙ୍ଗ, ବ୍ରଜରାଜନଗର, ଲୁଧିଆନା, କଲିକତା ।

'ଖ'—କାଗଜ, ପଶମ, କାଚ, ଲୁଗା, ଜୋତା, ଝୋଟ

୩ । ଭାରତର ସବୁଠାରୁ ବଡ଼ ନଗର, ନଦୀ, ପର୍ବତମାଳା, ପର୍ବତ ଶୃଙ୍ଗ ଏବଂ ଲୁହା କାରଖାନାର ନାମ କହ ।

୪ । ତୁମ ସ୍କୁଲର ନିକଟବର୍ତ୍ତୀ ରେଳ ଷ୍ଟେସନ କିଏ ? ସେଠାରୁ ତୁମେ ରେଳଗାଡ଼ିରେ କଲିକତା ଯିବ । ତୁମକୁ କେଉଁ ରେଳପଥରେ ଯିବାକୁ ହେବ ?

Digitized by PPRACHIN, SOA

୫ । ବର୍ଷର କେଉଁ ସମୟରେ ତୁମ ଅଞ୍ଚଳରେ ବେଶୀ ବର୍ଷା ହୁଏ ? କେଉଁ ବାୟୁରୁ ଏହି ବର୍ଷା ହୁଏ ?

୬ । (କ) ଗଙ୍ଗା, ବିନ୍ଧ୍ୟ, ସମ୍ବର, ରାଜସ୍ଥାନ, ସିମଳା, ପୁରୀ, ତାଳଚେର ।

(ଖ) ପର୍ବତ, ହ୍ରଦ, ସ୍ୱାସ୍ଥ୍ୟନିବାସ, କୋଇଲାଖଣି, ନଦୀ, ପ୍ରଦେଶ, ତୀର୍ଥସ୍ଥାନ ।

ଉପରଲିଖିତ 'କ' ବିଭାଗର ଶବ୍ଦଗୁଡ଼ିକ ମଧ୍ୟରୁ କିଏ କଅଣ 'ଖ' ବିଭାଗରୁ ବାଛି ଲେଖ ।

୭ । ଭାରତର କେଉଁ ପ୍ରାକୃତିକ ବିଭାଗରେ ବେଶୀ ଲୋକ ବାସ କରନ୍ତି ଓ କାହିଁକି ?

ସପ୍ତମ ଅଧ୍ୟାୟ

ବିଭିନ୍ନ ଦେଶର କଥା

(କ) ଜାପାନ ଦେଶ କଥା—ଜାପାନ ଦେଶଟି ପ୍ରଶାନ୍ତ ମହାସାଗରମଧ୍ୟରେ ଏସିଆ ମହାଦେଶର ପୂର୍ବଦିଗରେ ଅବସ୍ଥିତ । କେତେଗୁଡ଼ିଏ ଦ୍ୱୀପ ମିଶି ଜାପାନ ଦେଶ ହୋଇଛି । ଏହାର ଆକାର କ୍ଷୁଦ୍ର ହେଲେ ମଧ୍ୟ ପୃଥିବୀଭିତରେ ଏହା ଏକ ଉନ୍ନତ ଦେଶ ଅଟେ ।

ଏ ଦେଶର ଲୋକମାନଙ୍କ ଦେହର ରଙ୍ଗ ହଳଦିଆମିଶା ଧଳା; ମୁଣ୍ଡର ବାଳ କଳା, ଟାଆଁସା ଓ ଟିଆ; ନାକ ଚେପ୍ଟା । ଏମାନେ ମୋଟା କାଗଜ ସାହାଯ୍ୟରେ ଘର କରନ୍ତି । କାରଣ ଏ

Digitized by PPRACHIN, SOA

ଦେଶରେ ପ୍ରାୟ ପ୍ରତିଦିନ ଭୂମିକମ୍ପ ହୁଏ । କାଗଜ-ତିଆରି ଘର ଭୂମିକମ୍ପରେ ଭାଙ୍ଗିଗଲେ ଅଳ୍ପ ସମୟ ଭିତରେ ତୋଳି ଦିଅନ୍ତି । ଭାତ, ମାଛ ଓ ପନିପରିବା ଏମାନଙ୍କର ପ୍ରଧାନ ଖାଦ୍ୟ ।



[ଜାପାନି ବାଳକବାଳିକା]

ଏମାନେ ଖାଇସାରିବା ପରେ ଗ୍ରୀନ୍ ଚା ପିଅନ୍ତି । ଗ୍ରୀନ୍ ଚାରେ ଦୁଧ କିମ୍ବା ଚିନି କିଛି ମିଶାଯାଏ ନାହିଁ । ଏମାନେ ଦୁଇ ଖଣ୍ଡ କାଠି ସାହାଯ୍ୟରେ ଖାଦ୍ୟଦ୍ରବ୍ୟ ଖାଆନ୍ତି । ଧାନ ଚାଷ କରିବା, ରେଶମ ପୋକ ପାଳିବା ଓ ମାଛ ଧରିବା ଏମାନଙ୍କର ପ୍ରଧାନ ବ୍ୟବସାୟ ।

ଏ ଦେଶର ଅଧିକାଂଶ ବ୍ୟବହାର୍ଯ୍ୟ ଜିନିଷ କାଗଜରେ ତିଆରି ହୋଇଥାଏ । କାଗଜର ଛତା, ଲଣ୍ଠନ, ଟୋପି, ଜୋତା ପ୍ରଭୃତି ସମସ୍ତେ ବ୍ୟବହାର କରନ୍ତି ।

Digitized by PPRACHIN, SOA

ଜାପାନର ଲୋକେ ଫୁଲକୁ ଭାରି ଆଦର କରନ୍ତି । ଏମାନେ ଘର ପାଖରେ ଗୋଟିଏ ଲେଖାଏଁ ଫୁଲ ବଗିଚ୍ଚ କରିଥାନ୍ତି । ଲୋକେ ପ୍ରତିଦିନ ବଗିଚ୍ଚରେ ଘାସବଛା, ପାଣିଦିଆ ପ୍ରଭୃତି କିଛି ନା କିଛି କାମ କରନ୍ତି ।

ଜାପାନୀ ବାଳକବାଳିକାମାନେ ପିଲାଦିନୁ ଖେଳନା ତିଆରି-କରି ସେଗୁଡ଼ିକୁ ବିଭିନ୍ନ ରଙ୍ଗରେ ଚିତ୍ର କରି ଶିଖନ୍ତି । ବାଳକମାନେ ଗୁଡ଼ି ଉଡ଼ାଇବାକୁ ଓ ବାଳିକାମାନେ କଣ୍ଢେଇ ନେଇ ଖେଳିବାକୁ ଖୁବ୍ ଭଲ ପାଆନ୍ତି । ସେମାନଙ୍କର ବର୍ଷକରେ ଥରେ କଣ୍ଢେଇ ମେଳଣ ହୁଏ ଓ ଅନେକ ଥର ସୁନ୍ଦର ଫୁଲ ଏକତ୍ର କରି ପ୍ରଦର୍ଶନୀ କରାଯାଏ ।

ଜାପାନୀ ବାଳକବାଳିକାମାନେ ଗୃହ କାର୍ଯ୍ୟରେ ବାପମାଙ୍କୁ ସାହାଯ୍ୟ କରନ୍ତି । ଏମାନେ ଖୁବ୍ ସାହସୀ । ଫୁଜିୟାମା ଜାପାନର ବଡ଼ ପର୍ବତ । ଏହା ଗୋଟିଏ ଆଗ୍ନେୟଗିରି । ପ୍ରତି ଲୋକର ଘରେ ଫୁଜିୟାମାର ଚିତ୍ର ଝୁଲୁଥାଏ ।

ଜାପାନ ଦେଶରେ ପ୍ରତି ପିଲାକୁ ପାଠ ପଢ଼ିବାକୁ ହୁଏ । ଏମାନେ ପଢ଼ାରେ ଖୁବ୍ ମନ ଦିଅନ୍ତି । ଏମାନେ ଶିକ୍ଷକଙ୍କ ଗାଳି ଓ ଅପମାନକୁ ଭୟ କରନ୍ତି । ବିଦ୍ୟାଳୟରେ ଏମାନେ ଏପରି ଶାନ୍ତଭାବରେ ଚଳନ୍ତି ଯେ ଦଣ୍ଡ ଦେବା ଆବଶ୍ୟକ ହୁଏ ନାହିଁ । ଏମାନେ ବିପଦରେ ଛନିଆଁ ହୁଅନ୍ତି ନାହିଁ କିମ୍ବା କଳି କରନ୍ତି ନାହିଁ । କଷ୍ଟ ହେଲେ ବଡ଼ପାଟିରେ କାନ୍ଦନ୍ତି ନାହିଁ ।

ଜାପାନର ବାଳକମାନେ ପାଇଜାମା ଓ କାମିଜ୍ ବ୍ୟବହାର କରନ୍ତି । ଏହାର ରଙ୍ଗ ସାଧାରଣତଃ ହଳଦିଆ ହୋଇଥାଏ ।

Digitized by PPRACHIN, SOA

ବାଳିକାମାନେ ନାଲି, ନେଳି ପ୍ରଭୃତି ନାନା ରଙ୍ଗର ପୋଷାକ ପିନ୍ଧନ୍ତି । ତା ଉପରେ ନାନା ରଙ୍ଗ ସୂତାର ଫୁଲ ପଡ଼ିଥିବାରୁ ବାଳିକାମାନେ ପୋଷାକ ପିନ୍ଧିଲେ ଭାରି ସୁନ୍ଦର ଦେଖାଯାନ୍ତି ।

ଜାପାନୀମାନେ ଶିଳ୍ପରେ ଖୁବ୍ ଉନ୍ନତ । ଗତ ଦ୍ୱିତୀୟ ମହାଯୁଦ୍ଧରେ ଜାପାନ ହାରିଯିବା ପରେ ତାହାର ବହୁତ କ୍ଷତି ହୋଇଯାଇଛି । ଏବେ ସେମାନେ ଦେଶର ଉନ୍ନତି ପାଇଁ ପୁଣି ଲାଗି ପଡ଼ିଲେଣି ।

(ଖ) **ରୁଷିଆ ଦେଶ କଥା**—ଭାରତଠାରୁ ବହୁ ଦୂରରେ ଉତ୍ତର ଦିଗରେ ଏହି ଦେଶଟି ଅବସ୍ଥିତ । ଏ ଦେଶର ଉତ୍ତର ଭାଗ ଶୀତପ୍ରଧାନ ଦେଶ ଅଟେ । ବର୍ଷର ଅଧିକାଂଶ ସମୟ ଉତ୍ତର ଅଞ୍ଚଳର ଭୂମି ବରଫରେ ପୂର୍ଣ୍ଣ ହୋଇଥାଏ । ଏଠାରେ ମୋଟେ ଦୁଇ ମାସ ଗ୍ରୀଷ୍ମକାଳ ଓ ଅବଶିଷ୍ଟ ସମୟତକ ଶୀତକାଳ ଅଟେ । ଏଠାର ଅଧିବାସୀମାନେ ଏସ୍କିମୋମାନଙ୍କ ପରି ଚଳନ୍ତି । ଲୋକମାନେ ଦେଖିବାକୁ ସୁନ୍ଦର ଓ ହୃଷ୍ଟପୁଷ୍ଟ ।

ବଲ୍ଗା ହରିଣ ଉତ୍ତର ଅଞ୍ଚଳ ଲୋକଙ୍କର ପ୍ରଧାନ ସମ୍ପତ୍ତି । ବଲ୍ଗାର ଦୁଧ ଓ ମାଂସ ଏମାନଙ୍କର ଖାଦ୍ୟ । ସେମାନେ ଏହାର ଚମଡ଼ାରେ ପୋଷାକ ଓ ତମ୍ବୁ ତିଆରି କରନ୍ତି ।

ରୁଷିଆର ଦକ୍ଷିଣାଞ୍ଚଳ ସମତଳ ଅଟେ । ଏହା ଅତ୍ୟନ୍ତ ଉର୍ବର ଓ ଶସ୍ୟଶ୍ୟାମଳ ଅଞ୍ଚଳ । ଏହାକୁ 'ଷ୍ଟେପିଜ୍' କହନ୍ତି । ଏଠାକାର ଅଧିବାସୀମାନେ ପୃଥିବୀର ଅତି ସଭ୍ୟ ଜାତିମାନଙ୍କ ମଧ୍ୟରେ ଗଣାଯାନ୍ତି । ଏହି ଅଞ୍ଚଳରେ ବଡ଼ ବଡ଼ ସହର ଓ କଳକାରଖାନା ପୂରି ରହିଛି ।

Digitized by PPRACHIN, SOA



[ବଲ୍‌ଗା ହରିଣ]

ଏ ଦେଶର ଗୃଷପ୍ରଣାଳୀ ବଡ଼ ଉନ୍ନତ । ଆମ ଦେଶ ପରି ଏଠାରେ କୃଷକମାନେ ଅଲଗା ଅଲଗା ଗୃଷ କରନ୍ତି ନାହିଁ । ସମସ୍ତେ ଏକାଠି ମିଳିମିଶି 'କୋଠଗୃଷ' ବା 'ସମବାୟ କୃଷି' କରନ୍ତି । ଜମିରୁ ଉତ୍ପନ୍ନ ହେଉଥିବା ସମସ୍ତ ଦ୍ରବ୍ୟ ଭଣ୍ଡାରରେ ରଖାଯାଏ । ସରକାର ପ୍ରତି ଗ୍ରାମର ଲୋକଙ୍କ ଦରକାର ଅନୁସାରେ ଖାଦ୍ୟସବୁ ଯୋଗାଇ ଦିଅନ୍ତି । ଘରଦ୍ୱାର, ଜମିବାଡ଼ି ପ୍ରଭୃତିର ଚିନ୍ତା କୌଣସି ଲୋକର ନ ଥାଏ । ଲୋକେ କେବଳ କାମ କରିବେ, ସରକାର ତାଙ୍କର ଯାବତୀୟ ଖର୍ଚ୍ଚ ତୁଲାଇବେ । ପଇସା ଜମା କରି ରଖିବା କାହାରି ଦରକାର ନାହିଁ ।

Digitized by PPRACHIN, SOA

ଏ ଦେଶରେ ପିଲାଟିଏ ଜନ୍ମ ହେବାଠାରୁ ବଡ଼ ହେବା ପର୍ଯ୍ୟନ୍ତ ତାର ସମସ୍ତ ଦାୟିତ୍ୱ ସରକାର ବହନ କରନ୍ତି । ବାପ-ମାଙ୍କୁ ପିଲାମାନଙ୍କ ବିଷୟରେ ଚିନ୍ତିତ ହେବାକୁ ପଡ଼େ ନାହିଁ । ଏପ୍ରକାର ଶାସନକୁ 'ସାମ୍ୟବାଦ' ଶାସନ କୁହାଯାଏ ।

ଏ ଦେଶର ଲୋକେ ଖୁବ୍ ଶିକ୍ଷିତ । କୃଷକମାନେ କଳ ସାହାଯ୍ୟରେ ହଳ କରନ୍ତି । ଧାନକଟା, ଧାନ ଅମଳ, ଘାସକଟା ଇତ୍ୟାଦି କାର୍ଯ୍ୟ କଳ ସାହାଯ୍ୟରେ ହୁଏ । କୃଷିକାର୍ଯ୍ୟରେ ଉଡ଼ା-ଜାହାଜ ମଧ୍ୟ ବ୍ୟବହୃତ ହୁଏ । ବିଲରେ ସ୍ତ୍ରୀ ପୁରୁଷ ଉଭୟେ ଏକାଠି କାମ କରନ୍ତି । ପାଠ ପଢ଼ି ବିଲରେ କାମ କରିବାକୁ ଏମାନେ ଆଦୌ ଘୃଣା କରନ୍ତି ନାହିଁ । ପୁରୁଷଠାରୁ ଏ ଦେଶର ସ୍ତ୍ରୀ କୌଣସି କାମରେ ଊଣା ନୁହେଁ । ଏଠାକାର ସ୍ତ୍ରୀମାନେ ସୈନ୍ୟ ବିଭାଗରେ କାମ କରନ୍ତି ଏବଂ ଉଡ଼ାଜାହାଜ ପ୍ରଭୃତି ଅନେକ ପ୍ରକାର କଳ ଚଳାନ୍ତି ।

ଅବସର ସମୟରେ ଏ ଦେଶର ଲୋକେ ଖବରକାଗଜ ଓ ନାନାପ୍ରକାର ବହି ପଢ଼ନ୍ତି । ବହିରୁ ଅନେକ କଥା ଶିଖି ନିଜ ନିଜ କାମରେ ଲଗାନ୍ତି । ତାଙ୍କ ଦେଶରେ କେବେ ଖାଦ୍ୟ ଅଭାବ ହୁଏ ନାହିଁ; ଆମ ଦେଶରେ ବହୁତ କୃଷି ଜମି ଥାଇ ମଧ୍ୟ ଶିକ୍ଷା ଓ ଉଦ୍ୟମ ଅଭାବରୁ ଆମକୁ ଖାଇବାକୁ ଅଣ୍ଟେ ନାହିଁ ; ଏ ଦେଶର ପ୍ରଧାନ ଫସଲ ଗହମ ।

ଗହମ, ପାଉଁରୁଟି, ଶୋଇ, ଛେଳି ବା ମେଣ୍ଢାର ଦୁଧ ଓ ମାଂସ ଏମାନଙ୍କର ପ୍ରଧାନ ଖାଦ୍ୟ ।

ଏ ଦେଶର ପ୍ରତ୍ୟେକ ବାଳକ ବାଳିକା ୧୬ ବର୍ଷ ପର୍ଯ୍ୟନ୍ତ ପଢ଼ିବାକୁ ବାଧ୍ୟ । ପଢ଼ିଥିବା ପାଠ ସାହାଯ୍ୟରେ ନିଜଦେଶର କୃଷି ଓ ଶିଳ୍ପର ଉନ୍ନତି କରିବାରେ ସେମାନେ ଲାଗି ପଡ଼ନ୍ତି ।

Digitized by PPRACHIN, SOA

(ଗ) ଆମେରିକା ଦେଶ କଥା— ପୃଥିବୀ-ପୃଷ୍ଠରେ ଆମ ଭାରତର ଠିକ୍ ବିପରୀତ ପାର୍ଶ୍ୱରେ ଅାମେରିକା ମହାଦେଶ ଅବସ୍ଥିତ । ପ୍ରାୟ ୬୦୦ ବର୍ଷ ପୂର୍ବେ ଆମେରିକା ଦେଶ କଥା

[ନିଉୟର୍କର ଏକ ନଭଶ୍ଚୁମ୍ବୀ ପ୍ରାସାଦ]

କେହି ଜାଣି ନ ଥିଲେ । ସର୍ବପ୍ରଥମେ କଲମ୍ବସ ନାମକ ଜଣେ ନାବିକ ଭାରତକୁ ଜଳପଥ ଆବିଷ୍କାର କରିବାକୁ ଆସୁଥିବାବେଳେ ଭ୍ରମ କ୍ରମେ ଏଆଡ଼େ ଆସି ଏ ଦେଶ ଆବିଷ୍କାର କରିଥିଲେ ।

Digitized by PPRACHIN, SOA

ଏଠାରେ ଆଜକାଲ ବହୁତ ୟୁରୋପୀୟ ଲୋକ ବସବାସ କରିଅଛନ୍ତି । ଏମାନଙ୍କ ପୂର୍ବରୁ ଏଠାରେ ଏକ ବୁଲଜାତି ବାସ କରୁଥିଲେ । ଏମାନଙ୍କୁ 'ଲୋହିତ ଭାରତୀୟ' କହନ୍ତି ।

ଲୋହିତ ଭାରତୀୟମାନଙ୍କ ଦେହର ରଙ୍ଗ ତମ୍ବାଳିଆ, ନାକ ବଡ଼ ଓ ଆଖି ଉଜ୍ଜ୍ୱଳ । ମୁଣ୍ଡର ବାଳ ଠାଆଁସା ଓ କାନ୍ଧ ଉପରକୁ ଝୁଲି ପଡ଼ିଥାଏ । ଏମାନେ ମୁଣ୍ଡରେ ଓ ପୋଷାକରେ ପକ୍ଷୀର ପର ବ୍ୟବହାର କରନ୍ତି । ସ୍ତ୍ରୀଲୋକମାନେ ଲମ୍ବା କୋଟ ପିନ୍ଧନ୍ତି ।

ଏମାନେ ବାଉଁଶରେ ତିଆରି ଏକପ୍ରକାର ତମ୍ବୁରେ ବାସ କରନ୍ତି । ପୁରୁଷମାନେ ଶିକାର କରି ଓ ସ୍ତ୍ରୀଲୋକମାନେ ଘରର ଯାବତୀୟ କାମ କରି ସମୟ କଟାନ୍ତି । ମାଛ ଓ ମାଂସ ଏମାନଙ୍କର ପ୍ରଧାନ ଖାଦ୍ୟ । ଏମାନେ ଛୋଟ ଛୋଟ ପିଲାମାନଙ୍କୁ ଝୁଲିରେ ପୂରାଇ ଗଛରେ ଟାଙ୍ଗି ଦିଅନ୍ତି । ବଡ଼ ବଡ଼ ପିଲାମାନେ ମାଛ ଧରିବା, ଡଙ୍ଗା ଚଳାଇବା, ଶର ମାରିବା, ପହଁରିବା ଶିକ୍ଷା କରନ୍ତି । ବାଳିକାମାନେ ମାଆମାନଙ୍କୁ ଘରକାମରେ ସାହାଯ୍ୟ କରନ୍ତି ।

ୟୁରୋପୀୟମାନେ ଆମେରିକାରେ ରହିବା ପରଠାରୁ ସେ ଦେଶର ଉନ୍ନତି କ୍ରମେ ଆରମ୍ଭ ହେଲା । ଲୋହିତ ଭାରତୀୟ-ମାନଙ୍କ ସଂଖ୍ୟା ଦିନକୁ ଦିନ କମି ଆସୁଅଛି । ଆଜିକାଲି ଏହି ଆମେରିକା ସମଗ୍ର ପୃଥିବୀରେ ଧନ, ଜନ, କୃଷି, ବାଣିଜ୍ୟ, ଶିଳ୍ପ ଓ ବିଜ୍ଞାନରେ ଶ୍ରେଷ୍ଠ ସ୍ଥାନ ଲାଭ କରିଛି ।

(ଘ) ଆରବ ଦେଶ କଥା—ଆମ ଭାରତବର୍ଷର ଠିକ୍ ପଶ୍ଚିମରେ ଆରବ ବୋଲି ଗୋଟିଏ ଦେଶ ଅଛି । ଏ ଦେଶରେ ଆମ ଦେଶପରି ବର୍ଷା ହୁଏ ନାହିଁ । ବର୍ଷମଧ୍ୟରେ ଖୁବ୍ ଅଳ୍ପ ପରିମାଣରେ ବର୍ଷା ହେଉଥିବାରୁ ଦେଶର ଅଧିକାଂଶ

Digitized by PPRACHIN, SOA

ମରୁମୟ ଓ ବାଲିପୂର୍ଣ୍ଣ ଅଟେ । ଏଠାରେ ଦିନରେ ଯେପରି ଗରମ ରାତିରେ ସେହିପରି ପ୍ରବଳ ଶୀତ ହୁଏ । ଏହା ଗୋଟିଏ ମରୁ-ଦେଶ । ଏହାର ସ୍ଥାନେ ସ୍ଥାନେ ମରୁଦ୍ୱୀପ ଥିବାର ଦେଖାଯାଏ । ଏହି ମରୁଦ୍ୱୀପରେ ଝରଣା ଥାଏ; ଅଳ୍ପ କିଛି ବୃକ୍ଷଲତା ଜନ୍ମେ ଓ ଲୋକ ବାସ କରନ୍ତି । ଖଜୁରି ମରୁଦ୍ୱୀପର ପ୍ରଧାନ ଫଳ ।

ଏ ଦେଶରେ ଗୋଟିଏ ଶ୍ରେଣୀର ଲୋକ ଧନୀ । ସେମାନେ କଞ୍ଚା ଇଟାରେ ସୁନ୍ଦର ଘର କରି ସ୍ଥାୟୀ ଭାବରେ ରହନ୍ତି । ଆଉ ଏକପ୍ରକାର ଲୋକ ଅଛନ୍ତି ଯେଉଁମାନେ କି କୌଣସି ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହନ୍ତି ନାହିଁ । ଏମାନଙ୍କୁ ବେଦୁଇନ୍ ବୋଲି କହନ୍ତି । ଓଟ, ଗଧ, ଛେଳି, ମେଣ୍ଢା ପାଳନ କରିବା ବେଦୁଇନ୍ ମାନଙ୍କର ପ୍ରଧାନ ବ୍ୟବସାୟ ।

ବେଦୁଇନ୍ ପିଲା-ମାନଙ୍କର ଦେହର ବର୍ଣ୍ଣ କଳା; ମୁଣ୍ଡବାଳ କଳା ଓ କର୍କଶ । ଏମାନେ ଢିଲା ପାଇଜାମା ଓ ଲମ୍ବା କୋଟ ପିନ୍ଧନ୍ତି । ମୁଣ୍ଡରେ ପଗଡ଼ି ଓ ପାଦରେ ଜୋତା ମଧ୍ୟ...

[ବେଦୁଇନ୍ ଜାତି]

Digitized by PPRACHIN, SOA

ବ୍ୟବହାର କରନ୍ତି । ଖଜୁରୀ ଏମାନଙ୍କର ପ୍ରଧାନ ଖାଦ୍ୟ ; ଯବଧାନର ଅଟା, ଖଜୁରୀ କୋଳି ଓ ଦୁଧରେ ଏମାନେ ଏକପ୍ରକାର ପିଠା ତିଆରି କରି ଖାନ୍ତି । ଓଟ, ଛେଳି ପ୍ରଭୃତିଙ୍କ ଦୁଧ ଓ ମାଂସ ମଧ୍ୟ ଏମାନଙ୍କର ପ୍ରଧାନ ଖାଦ୍ୟ ।

ମରୁଭୂମି ମଧ୍ୟରେ ଯାତାୟାତ କରିବା ପାଇଁ କୌଣସି ଯାନବାହାନ ନାହିଁ । ଓଟ ଏକମାତ୍ର ଜୀବ ଯେ କି ମରୁଭୂମିରେ ସହଜରେ ଯାଇପାରେ; ଏଣୁ ଓଟକୁ 'ମରୁ-ଜାହାଜ' କହନ୍ତି । ମରୁଭୂମିରେ ଓଟ ମନୁଷ୍ୟକୁ ବହୁ ବିପଦରୁ ରକ୍ଷା କରେ ।

ମରୁଦ୍ୱୀପରେ ସ୍ଥାୟୀ ଭାବରେ ବାସ କରୁଥିବା ଲୋକମାନଙ୍କର ପିଲାମାନେ କେବଳ କୋରାନ୍ ପଢ଼ିବା ପାଇଁ ଆରବୀ ଭାଷା ଶିକ୍ଷା କରନ୍ତି । ମାତ୍ର ବେଦୁଇନ୍ ପିଲାମାନେ ଆଦୌ ପାଠ ପଢ଼ନ୍ତି ନାହିଁ । ଏମାନେ ପିଲାଦିନରୁ ଯୁଦ୍ଧ କରିବା, ବର୍ଚ୍ଛା ମାରିବା, ଘୋଡ଼ା ଚଢ଼ିବା ଇତ୍ୟାଦି ଶିକ୍ଷା କରନ୍ତି ।

ଏମାନେ ଏକପ୍ରକାର ତମ୍ବୁରେ ବାସ କରନ୍ତି । ଏହି ତମ୍ବୁ-ଭିତରେ ଗୋଟିଏ ବାଡ଼ ପଡ଼ିଥାଏ । ଗୋଟିଏ ପାଖରେ ପୁରୁଷ ଓ ପୁରୁଷ ପିଲା, ଅନ୍ୟ ପାଖରେ ସ୍ତ୍ରୀ ଓ ସ୍ତ୍ରୀ ପିଲାମାନେ ରହନ୍ତି । ଖାଇସାରିବା ପରେ କଫି ପିଇବା ଏମାନଙ୍କର ଅଭ୍ୟାସ । ଆରବ ପିଲାମାନେ ଭଲ କଫି ତିଆରି କରି ଶିଖିଥାନ୍ତି ।

ବାଳିକାମାନେ ରନ୍ଧା କାମ କରନ୍ତି; ଓଟ ଓ ମେଣ୍ଢାର ଲୋମରେ କମ୍ବଳ ଓ ତମ୍ବୁ ତିଆରି କରନ୍ତି । ସେମାନେ ପିତା-ମାତାଙ୍କୁ ବିଶେଷ ଭକ୍ତି କରନ୍ତି ଓ ଅତିଥିମାନଙ୍କ ପ୍ରତି ଖୁବ୍ ଦୟା ଦେଖାଇଥାନ୍ତି ।

(ଙ) ନିରାଟ ବରଫ ଦେଶ ବା ମେରୁ ଦେଶ କଥା—ଉତ୍ତର ଆମେରିକାର ଉତ୍ତରରେ ଥିବା ଗ୍ରୀନ୍‌ଲାଣ୍ଡ ମେରୁଦେଶ ନାମରେ ପରିଚିତ । ଏ ଦେଶ କଥା ବଡ଼ ବିଚିତ୍ର । ଏଠାରେ ୬ ମାସ ଦିନ ଓ ୬ ମାସ ରାତି ହୋଇଥାଏ ।

Digitized by PPRACHIN, SOA

ପ୍ରଥମେ ସୂର୍ଯ୍ୟ ଦିଗ୍‌ବଳୟ ଉପରେ ଦେଖା ଦିଅନ୍ତି । ତାପରେ ଘଣ୍ଟାଏ ଦିନ ଓ ୨୩ ଘଣ୍ଟା ରାତି ହୁଏ । କ୍ରମେ ୨ ଘଣ୍ଟା ଦିନ ଓ ୨୨ ଘଣ୍ଟା ରାତି ହୁଏ । ଏହିପରି ଦିନ ବଢ଼ି ବଢ଼ି ୨୩ ଘଣ୍ଟା ହୁଏ ଓ ରାତି ମୋଟେ ୧ ଘଣ୍ଟା ହୁଏ । ଛଅ ମାସ ଦିନ ହେଲା ପରେ ଦିନ କମି କମି ଯାଇ ୧ ଘଣ୍ଟାରେ ରହେ ଓ ରାତି ୨୩ ଘଣ୍ଟା ହୁଏ ।

ରାତି ହେବା ସମୟରେ ଏଠାରେ ଏକପ୍ରକାର ଆଲୁଅ ଦେଖାଯାଏ । ଏହାକୁ ମେରୁ-ଜ୍ୟୋତି କହନ୍ତି । ଏହାର ଆଲୁଅରେ ଲୋକମାନେ କାମଦାମ କରନ୍ତି ।

ଏ ଦେଶ ବର୍ଷସାରା ବରଫାଚ୍ଛନ୍ନ ଥାଏ ଓ ଏଠାରେ ଭୟଙ୍କର ଶୀତ ହୁଏ । ଶୀତ ଋତୁରେ ସ୍ଥଳ ଓ ଜଳ ଘୋଡ଼ାଇ ବରଫ ଜମି ଏକାପରି ଦେଖାଯାଏ ।

ଏହି ଅଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ଏସ୍କିମୋ କହନ୍ତି । ଏମାନଙ୍କର ବର୍ଣ୍ଣ ଶେତା ହଳଦିଆ, ମୁହଁ ଗୋଲ, ନାକ ଚେପ୍‌ଟା, ମୁଣ୍ଡର ବାଳ କଳା ଓ ବହଳିଆ । ଅଧିକ ଶୀତ ଓ ବରଫ ଯୋଗୁଁ ଏଠାରେ କୌଣସି ପ୍ରକାର ବୃକ୍ଷ ବା ଖାଦ୍ୟଶସ୍ୟ ଜନ୍ମେ ନାହିଁ ।

[ଏସ୍କିମୋ ପରିବାର]

Digitized by PPRACHIN, SOA

ଏ ଦେଶର ସ୍ଥଳଭାଗରେ ବଲ୍‌ଗା ହରିଣ, ଧଳାଭାଲୁ ଓ ଏକପ୍ରକାର ଲୋମଶ କୁକୁର ବାସ କରନ୍ତି । ଜଳଭାଗରେ ସିଲ୍ ମାଛ, ତିମି ଓ ସିନ୍ଧୁଘୋଟକ ଦେଖାଯାନ୍ତି ।

ଏସ୍କିମୋମାନେ ଏହି ତିମି, ସିଲ୍, ସିନ୍ଧୁଘୋଟକ ପ୍ରଭୃତି ଶିକାର କରି ସେମାନଙ୍କର ମାଂସ, ରକ୍ତ ଓ ଚର୍ବି ଖାନ୍ତି ; ଏମାନଙ୍କର ଖାଇବାରେ କୌଣସି ଠିକଣା ନ ଥାଏ । ଯେତେବେଳେ ଇଚ୍ଛା ସେତେବେଳେ ଖାନ୍ତି । ଖାଦ୍ୟ ମିଳିଲେ ଏତେ ଖାଇଦିଅନ୍ତି ଯେ ଖାଇବା ସ୍ଥାନରୁ ଆଉ ଉଠିପାରନ୍ତି ନାହିଁ । ପୁଣି ଖାଦ୍ୟ ନ ମିଳିଲେ ୨।୪ ଦିନ ଉପବାସରେ ମଧ୍ୟ ରହି-ପାରନ୍ତି ।

ଭୟଙ୍କର ଶୀତ ହେତୁ ଏମାନେ ଚମଡ଼ାର ଦୁଇ ଦୁଇଟା କୋଟ ପିନ୍ଧନ୍ତି । କୋଟର ଲୋମଗୁଡ଼ିକ ଭିତର ପଟରେ ଦେହକୁ ଲାଗିକରି ଥାଏ । ଆଉ ଗୋଟିଏ କୋଟ୍‌ର ଲୋମ ଥିବା ଅଂଶ ଉପରକୁ ଥାଏ । ତେଣୁ ଶୀତ ଜଣାପଡ଼େ ନାହିଁ । ସ୍ତ୍ରୀ ଓ ପୁରୁଷ ଏକପ୍ରକାର ପୋଷାକ ବ୍ୟବହାର କରନ୍ତି । ଧଳାଭାଲୁ, ହରିଣ ଓ ସିଲ୍ ଚମଡ଼ାରେ ପୋଷାକ ପ୍ରସ୍ତୁତ ହୁଏ । ହାଡ଼ର ଛୁଞ୍ଚି ସାହାଯ୍ୟରେ ସିଲାଇ କାର୍ଯ୍ୟ କରାଯାଏ । ସ୍ତ୍ରୀଲୋକମାନେ ଚମଡ଼ାକୁ ଦାନ୍ତରେ ଚୋବାଇ ନରମ କରି ପୋଷାକ ପ୍ରସ୍ତୁତ କରନ୍ତି । ଏଣୁ ଯେଉଁ ସ୍ତ୍ରୀର ଦାନ୍ତ ଶକ୍ତ ଓ ବଡ଼, ତାକୁ ଏସ୍କିମୋ-ମାନେ ଖୁବ୍ ପସନ୍ଦ କରନ୍ତି । ଏମାନେ ପାଟି, ନାକ ଓ ଆଖି ବ୍ୟତୀତ ଦେହର ସମସ୍ତ ଅଂଶ ପୋଷାକରେ ଘୋଡ଼ାଇ ରଖିଥାନ୍ତି ।

Digitized by PPRACHIN, SOA

ଏମାନେ ସ୍ଲେଜ୍ ନାମକ ଏକପ୍ରକାର ଚକ ନ ଥିବା ଘୋଡ଼ାଗାଡ଼ି ବ୍ୟବହାର କରନ୍ତି । ଏଗୁଡ଼ିକ ବଲ୍‌ଗା ବା କୁକୁର ଟାଣନ୍ତି ।

ଗ୍ରୀଷ୍ମଋତୁରେ ବରଫ ତରଳିଗଲେ ଏସ୍କିମୋମାନେ ଡଙ୍ଗାରେ ବସି ସମୁଦ୍ରରୁ ତିମି, ସିଲ୍ ପ୍ରଭୃତି ଶିକାର କରନ୍ତି । ଏସ୍କିମୋମାନେ ଏହି ଡଙ୍ଗାକୁ କାୟାକ୍ କହନ୍ତି ।

ଏମାନେ ସିଲ୍ ଚମଡ଼ା ନିର୍ମିତ ତମ୍ବୁରେ ବାସ କରନ୍ତି । କିନ୍ତୁ ଶୀତଦିନେ ବରଫକୁ ଟାଇଲ୍ ପରି କାଟି ତାର ସାହାଯ୍ୟରେ ଘର ତିଆରି କରନ୍ତି । ଘରଭିତର ପ୍ରଶସ୍ତ ଥାଏ, ମାତ୍ର ଭିତରକୁ ଯିବା ବାଟଟି ଅଣଓସାରିଆ କରିଥାନ୍ତି । ରାତିରେ ସେ ବାଟ-ମୁହଁଟି ଖଣ୍ଡେ ବଡ଼ ବରଫଦ୍ୱାରା ଘୋଡ଼ାଇ ଦିଅନ୍ତି । ସେ ଦେଶରେ ଧଳା ଭାଲୁ ବହୁତ । ସେମାନଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଏସ୍କିମୋମାନେ ଏପରି କରିଥାନ୍ତି । ଏସ୍କିମୋମାନଙ୍କର ଏପ୍ରକାର ଘରକୁ ଇଗଲୁ ଓ ଗ୍ରୀଷ୍ମଋତୁର ଘରକୁ ଟିଣ୍ଡିକ୍ କହନ୍ତି ।

ଏସ୍କିମୋମାନେ ଆଦୌ ଗାଧୁଆନ୍ତି ନାହିଁ । ଗ୍ରେଟ ପିଲା-ମାନଙ୍କୁ ମାଆମାନେ ଚାଟି ସଫା କରନ୍ତି । ପୁରୁଷମାନଙ୍କର ନିଶ ବା ଦାଢ଼ି କିଛି ଉଠେ ନାହିଁ । ସ୍ତ୍ରୀମାନଙ୍କ ପୋଷାକରେ ଗୋଟିଏ ଲାଞ୍ଜ ଓହଳିଥାଏ । ତା ନ ହେଲେ କିଏ ସ୍ତ୍ରୀ କିଏ ପୁରୁଷ ବାରି ହୁଅନ୍ତା ନାହିଁ । ଏମାନେ ସିଲ୍ ମାଛର ଚର୍ବିକୁ ତେଲରୂପେ ବ୍ୟବହାର କରନ୍ତି । ଗୋଟିଏ ଖାଲୁଆ ହାଡ଼ଭିତରେ ଚର୍ବି ରଖି ତାହା ଦେହରେ ଶିଉଳିକୁ ବଳିତା କରି ଏମାନେ ଘରଭିତରେ ଜଳାନ୍ତି ।

Digitized by PPRACHIN, SOA

ପିଲାମାନେ ପାଠଶାଠ କରନ୍ତି ପଢ଼ନ୍ତି ନାହିଁ । ପିଲାଦିନୁ ଶିକାର କରି ଶିଖିବା ଏମାନଙ୍କର ପ୍ରଧାନ କାମ । କୌଣସି ବନ୍ଧୁଙ୍କୁ ଦେଖିଲେ ଏମାନେ ନମସ୍କାର ବଦଳରେ ନାକକୁ ନାକ ଘଷନ୍ତି । ଆଜିକାଲିର ସଭ୍ୟ ଜଗତର କୌଣସି କଥା ଏମାନେ ଜାଣନ୍ତି ନାହିଁ ।

(ଚ) ଆଫ୍ରିକା ଦେଶ କଥା—ଆମ ଦେଶର ଦକ୍ଷିଣ-ପଶ୍ଚିମରେ ଆଫ୍ରିକା ମହାଦେଶ ଅବସ୍ଥିତ । ଏହାର ଠିକ୍ ମଧ୍ୟରେ ବିଷୁବ ରେଖା ଯାଇଅଛି । ଏହି ଅଞ୍ଚଳର ଅଧିକାଂଶ ସ୍ଥାନରେ ବର୍ଷଯାକ ବର୍ଷା ହୁଏ । ତେଣୁ ଏହା ଘୋର ଜଙ୍ଗଲପୂର୍ଣ୍ଣ ଅଟେ । ଏପରିକି ଏଠାରେ ସୂର୍ଯ୍ୟକିରଣ ତଳକୁ ପଡ଼େ ନାହିଁ ।

ଏହି ଅରଣ୍ୟମଧ୍ୟରେ ଏକପ୍ରକାର ଲୋକ କୁଡ଼ିଆ କରି ବାସ କରନ୍ତି । ଏମାନଙ୍କର କୁଡ଼ିଆଗୁଡ଼ିକ ଖୁବ୍ ଦମ୍ଭ । ଏ ଲୋକମାନେ ଆକାରରେ ଶ୍ରେଷ୍ଠ ହୋଇଥିବାରୁ ଏମାନଙ୍କୁ ପିଗ୍ମି ବା ବାମନ କହନ୍ତି । ଏମାନଙ୍କ ବର୍ଣ୍ଣ ନାଲିମିଶା ଧୂସର । ଏମାନେ ବଡ଼ ଅସଭ୍ୟ ଓ ନିଷ୍ଠୁର । ପୁରୁଷମାନେ ଗଛର ବକଲ ପିନ୍ଧନ୍ତି ଓ ସ୍ତ୍ରୀମାନେ ଗୋଟିଏ ପତ୍ର

[ପିଗ୍ମି ଓ ଜଣେ ଇଉରୋପୀୟ]

Digitized by PPRACHIN, SOA

ଦେହରେ ବାନ୍ଧଥାନ୍ତି । ସ୍ତ୍ରୀଲୋକମାନେ ଦେହରେ ଅନେକ ପ୍ରକାର ଚିତ୍ର କୁଟାଇଥିବାର ଦେଖାଯାଏ ।

ଗୃହବାସ କରି ରହିବା କଥା ଏମାନେ ଆଦୌ ଜାଣନ୍ତି ନାହିଁ । ବଣରୁ ଯାହା ପାଆନ୍ତି ତାହା ଖାଇ ଜୀବନ ଧାରଣ କରନ୍ତି । ଏମାନେ ବଡ଼ ଶିକାରୀ ଜାତି ଅଟନ୍ତି । ଶିକାର କରି, ମାଛ ମାରି, ବଣର ଫଳମୂଳ ଖାଇ ଏମାନେ ଦିନ କାଟନ୍ତି । ଅନେକ ସମୟରେ ଏମାନେ ଲଙ୍ଗଳା ହୋଇ ବୁଲୁଥିବାର ଦେଖାଯାଏ । ମାଙ୍କଡ଼ ମାଂସ ଏମାନଙ୍କର ଅତି ପ୍ରିୟ ଖାଦ୍ୟ । ଅରଣ୍ୟରେ କଦଳୀ ଓ ମହୁ ପ୍ରଚୁର ପରିମାଣରେ ମିଳୁଥିବାରୁ ଏମାନେ ତାହା ଖାଇବାକୁ ଖୁବ୍ ଭଲ ପାନ୍ତି ।

ପିଗ୍‌ମିମାନେ ଧନୁଶର ଧରି ଶିକାର କରିବାରେ ଖୁବ୍ ଧୁରନ୍ଧର । ଏମାନଙ୍କର ଦୃଷ୍ଟିଶକ୍ତି ଖୁବ୍ ଭଲ । ବହୁତ ଦୂରରୁ ଏମାନେ ଶିକାର ଦେଖିପାରନ୍ତି ।

ଏମାନେ କୌଣସି ଗୋଟିଏ ସ୍ଥାନରେ ସ୍ଥାୟୀ ହୋଇ ରହି-ପାରନ୍ତି ନାହିଁ—ଖାଦ୍ୟ ଖୋଜିବା ପାଇଁ ବରାବର ସ୍ଥାନ ପରିବର୍ତ୍ତନ କରୁଥାନ୍ତି । ଏମାନେ ଦେବଦେବୀ ପୂଜା କରନ୍ତି ନାହିଁ ।

ପିଗ୍‌ମିମାନଙ୍କ ଛଡ଼ା ଆଫ୍ରିକାରେ ଆଉ ଏକପ୍ରକାର ଲୋକ ବାସ କରନ୍ତି । ଏମାନଙ୍କୁ ନିଗ୍ରୋ କହନ୍ତି । ଏମାନଙ୍କର

Digitized by PPRACHIN, SOA



[ନିଗ୍ରୋ ଜାତି]

ବର୍ଣ୍ଣ ଗାଢ଼କୃଷ୍ଣ, ନାକ ଓସାରିଆ ଓ ଚେପ୍ଟା, କପାଳ ଉଚ୍ଚ, ମୁଣ୍ଡର ବାଳ କୁଞ୍ଚୁକୁଞ୍ଚିଆ । ନିଗ୍ରୋପିଲାମାନେ ଲଙ୍ଗଳା ହୋଇ ବୁଲୁଥାନ୍ତି । ପୁରୁଷ ଓ ସ୍ତ୍ରୀମାନେ ଗଛର ବକଳା ପିନ୍ଧନ୍ତି, କୁଡ଼ିଆ କରି ରହନ୍ତି ଓ ଶିକାର କରି ଫଳମୂଳ ଖାଇ ଜୀବନ ଧାରଣ କରନ୍ତି । ଏମାନେ ଜନ୍ଦା, ପିମ୍ପୁଡ଼ି, ଝିଣ୍ଡିପୋକ ପ୍ରଭୃତି ଭକ୍ଷ ଖାଆନ୍ତି; ହାତୀ, ଭାଲୁ ଓ ମାଙ୍କଡ଼ ମାରି ତାଙ୍କ ମାଂସ ଖାଇଯାନ୍ତି । ଏମାନେ କଞ୍ଚା ମାଂସ ଖାଇବାକୁ ବେଶୀ ଭଲ ପାନ୍ତି ।

(ଛ) ଅଷ୍ଟ୍ରେଲିଆ ମହାଦେଶ କଥା—ଆମ ଦେଶର ଦକ୍ଷିଣ-ପୂର୍ବରେ ଅଷ୍ଟ୍ରେଲିଆ ମହାଦେଶ ଅବସ୍ଥିତ । ଏହି ମହାଦେଶର ମଧ୍ୟଭାଗ ମରୁମୟ ଅଟେ । ଏଠାରେ ପ୍ରାୟ ବର୍ଷା ହୁଏ ନାହିଁ । ଏହି ମହାଦେଶର ଉତ୍ତର ପାଖରେ ଥିବା ଅରଣ୍ୟରେ ଏକପ୍ରକାର ଲୋକ ବାସ କରନ୍ତି । ଏମାନେ ଏ ମହାଦେଶର ଆଦିମ ଅଧିବାସୀ ଅଟନ୍ତି ।

ଏମାନେ ଦେଖିବାକୁ ଅତି ଅସୁନ୍ଦର । ଏମାନଙ୍କ ଦେହର ବର୍ଣ୍ଣ କଳା । ଏମାନେ ଅଧିକାଂଶ ଲଙ୍ଗଳା ହୋଇ ବୁଲନ୍ତି ଓ

Digitized by PPRACHIN, SOA

ବଣର ଫଳମୂଳ ଖାଇ ଜୀବନ ଧାରଣ କରନ୍ତି । ବେଳେ ବେଳେ ଦେହକୁ ନାନା ରଙ୍ଗରେ ଚିତ୍ରିତ କରି ଅତି ଭୟଙ୍କର ଦେଖାଯାନ୍ତି ।

ଏମାନେ ମଧ୍ୟ କୌଣସି ଏକ ସ୍ଥାନରେ ଦୀର୍ଘକାଳ ରହି-ପାରନ୍ତି ନାହିଁ । ଗୋଟିଏ ଜାଗାରୁ ଶିକାର ସରିଗଲେ ଅନ୍ୟ ସ୍ଥାନକୁ ଚାଲିଯାନ୍ତି । ଯେଉଁଠି ଶିକାର ଭଲ ମିଳିବାର ଆଶା ଥାଏ, ସେଠାରେ ମାଟି, ଘାସ, ପତ୍ର, ଡାଳ ଇତ୍ୟାଦିରେ କୁଡ଼ିଆ କରି ରହନ୍ତି ।

ବୁମେରାଙ୍ଗ ନାମକ ଏକପ୍ରକାର ଅସ୍ତ୍ର ସାହାଯ୍ୟରେ ଏମାନେ ଶିକାର କରନ୍ତି । ଏହା ଅନେକ ପ୍ରକାରର ଦେଖିବାକୁ ମିଳେ । ବୁମେରାଙ୍ଗହିଁ ଏମାନଙ୍କର ପ୍ରଧାନ ଅସ୍ତ୍ର । ଏମାନେ ତାହାକୁ ଏପରି କୌଶଳରେ ବ୍ୟବହାର କରନ୍ତି ଯେ ତାହା ଠିକ୍ ଶିକାର ଦେହରେ ବାଜେ । ଦୈବାତ୍ ନ ବାଜିଲେ ତଳେ ନ ପଡ଼ି ମାରିଥିବା ଲୋକ ନିକଟକୁ ଫେରିଆସେ । ଏହାହିଁ ବୁମେରାଙ୍ଗର ପ୍ରଧାନ ବିଶେଷତ୍ୱ ।

[ଅଷ୍ଟ୍ରେଲିଆର ଆଦିମବାସୀ]

ଏହି ସ୍ଥାନରେ ଜଳର ଅଭାବ ହେତୁ

Digitized by PPRACHIN, SOA

ଏମାନେ ଖାଇବା ପରେ ହାତ ଧୋଇବାକୁ ଇଚ୍ଛା କରନ୍ତି ନାହିଁ । ଶୋଷ କଲେ ଏମାନେ ଜଳୀୟ ଅଂଶ ବହୁ ପରିମାଣରେ ଥିବା ଏକପ୍ରକାର ଗଛର ମୂଳକୁ ଖାଇଥାନ୍ତି ।

ଏମାନଙ୍କର କୌଣସି ପରିବର୍ତ୍ତନ ହୋଇ ନାହିଁ । ନିଜ ଭିତରେ ଅଧିକାଂଶ ସମୟରେ କଳଗୋଳ କରି ହଣାମରା ହୋଇ ମରନ୍ତି । କ୍ରମେ ଏମାନଙ୍କ ସଂଖ୍ୟା କମି ଯାଉଛି ଓ ଇଉରୋପୀୟମାନେ ସେଠାରେ ଅଧିକରୁ ଅଧିକ ସ୍ଥାନରେ ବସବାସ କରି ରହି ଯାଉଛନ୍ତି ।

ପ୍ରଶ୍ନ

୧ । ବୁମେରାଙ୍ଗ, କାୟାକ୍, ସ୍ଲେଜ୍, ମରୁ-ଜାହାଜ, ମରୁଦ୍ୱୀପ, କଲମ୍ବସ୍—ଏମାନଙ୍କ ସମ୍ବନ୍ଧରେ ସଂକ୍ଷିପ୍ତ ଟିପ୍ପଣୀ ଦିଅ ।

୨ । ନିମ୍ନଲିଖିତ ବିଷୟର କାରଣ ଦିଅ :—

(କ) ଜାପାନୀମାନେ କାଗଜପଟାରେ ଘର ତିଆରି କରନ୍ତି ।

(ଖ) ଅଷ୍ଟ୍ରେଲିଆର ଆଦିମ ଅଧିବାସୀମାନେ ଖାଇସାରି ହାତ ମୁହଁ ଧୁଅନ୍ତି ନାହିଁ ।

(ଗ) ବେଦୁଇନମାନେ ତମ୍ବୁରେ ବାସ କରନ୍ତି ।

(ଘ) ଏସ୍କିମୋମାନଙ୍କ ଗାଡ଼ିରେ ଚକ ନାହିଁ ।

(ଙ) ଆରବର ଲୋକେ କଞ୍ଚା ଇଟାରେ ଘର ତିଆରି କରିଥାନ୍ତି ।

୩ । କୋଠଗୃହ କେଉଁ ଦେଶରେ ଚଳେ ? ସେହି ଦେଶର ଶାସନଦ୍ୱାରା ସେଠା ଲୋକଙ୍କର କି ସୁବିଧା ହୋଇଅଛି ?

୪ । (କ) କେଉଁ ଦେଶର ପିଲା ମହୁ ଖାଇବାକୁ ଭଲ ପାନ୍ତି ?

(ଖ) କେଉଁ ସ୍ଥାନର ଗୃହବନ୍ଧୁ ପାଖକୁ କାଗଜ ପଙ୍ଖା ପାଇଁ ତୁମେ ଲେଖିବ ?

Digitized by PPRACHIN, SOA

(ଗ) କେଉଁଠାର ପିଲାମାନେ ଆଦୌ ସ୍ନାନ କରନ୍ତି ନାହିଁ ?
(ଘ) କେଉଁ ଲୋକେ ବରଫ ଘରେ ବାସ କରନ୍ତି ?
(ଙ) କେଉଁ ଦେଶର ପିଲାମାନେ ପ୍ରତିଦିନ ଖଜୁରିକୋଳି ଖାଆନ୍ତି?

୫ । ତୁମେ ଯଦି କୌଣସି ମରୁଭୂମି ବୁଲି ଦେଖିବାକୁ ଇଚ୍ଛା କର ତେବେ କି କି ପ୍ରୟୋଜନୀୟ ପଦାର୍ଥ ସଙ୍ଗରେ ନେଇ ଯିବ ?

୬ । କେଉଁ କେଉଁ ଦେଶର ପିଲାମାନେ ତମ୍ବୁରେ ବାସ କରନ୍ତି ?

୭ । ନିଜକୁ ଏସ୍କିମୋ ବାଳକ ମନେକରି ତୁମର ବାସଗୃହ, ଖାଦ୍ୟ, ପୋଷାକ ଓ ଜୀବନଯାପନ ପ୍ରଣାଳୀ ବିଷୟ ଲେଖି ଜଣେ ବନ୍ଧୁଙ୍କୁ ଜଣାଅ ।

୮ । ନିମ୍ନ ସ୍ଥାନ ପୂରଣ କର :—(କ)—ଖାଇ ସାରିବା ପରେ କଫି ପିଅନ୍ତି । (ଖ)— କାଠି ସାହାଯ୍ୟରେ ଖାଦ୍ୟ ଖାଆନ୍ତି । (ଗ)— ଶୋଷ କଲେ ଏକପ୍ରକାର ଗଛର ମୂଳ ଖାଆନ୍ତି । (ଘ)— ନମସ୍କାର ବଦଳରେ ନାକକୁ ନାକ ଘଷନ୍ତି । (ଙ)—ପିଲାମାନେ ୧୬ ବର୍ଷ ପର୍ଯ୍ୟନ୍ତ ପଢ଼ିବାକୁ ବାଧ ।

ଅଷ୍ଟମ ଅଧ୍ୟାୟ

ଓଡ଼ିଶା ପ୍ରଦେଶର ପରିଚୟ

ଆମ୍ଭେମାନେ ବାସ କରୁଥିବା ପ୍ରଦେଶର ନାମ ଓଡ଼ିଶା । ପ୍ରଥମେ ଏହି ଓଡ଼ିଶା ପ୍ରଦେଶଟି ବଙ୍ଗପ୍ରଦେଶ ସହିତ ମିଶି ୧୯୧୧ ମସିହା ପର୍ଯ୍ୟନ୍ତ ରହିଥିଲା । ତାପରେ ବିହାର ସହିତ ୧୯୩୫ ମସିହା ପର୍ଯ୍ୟନ୍ତ ରହି ୧୯୩୬ ମସିହା ଏପ୍ରିଲ ପହିଲା ତାରିଖରେ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେଲା ।

Digitized by PPRACHIN, SOA

ବିହାର ସହିତ ମିଶି ରହିଥିବା ସମୟରେ ଓଡ଼ିଶାରେ ୫ ଗୋଟି ଜିଲ୍ଲା ଥିଲା । ଯଥା—ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର ଓ ଅନୁଗୋଳ । ୧୯୩୬ ରେ ଯେତେବେଳେ ସ୍ୱତନ୍ତ୍ର



ପ୍ରଦେଶ ହେଲା, ସେତେବେଳେ ମାନ୍ଦ୍ରାଜ ପ୍ରଦେଶରୁ ଗଞ୍ଜାମ ଓ ଭିଶାଖାପାଟଣା ଜିଲ୍ଲାର କେତେକ ଅଂଶ ଏବଂ ମଧ୍ୟପ୍ରଦେଶରୁ ଖଡ଼ିଆଳ ଓ ପଦ୍ମପୁର ମିଶି ଛଅ ଗୋଟି ଜିଲ୍ଲା ହେଲା । ଯଥା—ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ, କୋରାପୁଟ । କିନ୍ତୁ ଓଡ଼ିଶାରେ ଥିବା ୨୬ଟି ଗଡ଼ଜାତ ଅଲଗା ରହି କରଦ ରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା । ୧୯୪୮ ମସିହା ଜାନୁଆରି

Digitized by PPRACHIN, SOA

ଫଳରେ ଉକ୍ତ ଗଡ଼ଜାତମାନ ଓଡ଼ିଶା ପ୍ରଦେଶ ସହିତ ମିଶି ସାତୋଟି ନୂଆ ଜିଲା ହେଲା ।

ବର୍ତ୍ତମାନ ଓଡ଼ିଶାର କ୍ଷେତ୍ରଫଳ ୬୦୧୩୬ ବର୍ଗମାଇଲ ଓ ଲୋକସଂଖ୍ୟା ୧୪୬୪୫୯୪୬ । ପ୍ରତି ବର୍ଗମାଇଲରେ ହାରାହାରି ୨୪୪ ଲୋକ ବାସ କରନ୍ତି । ନିମ୍ନରେ ପ୍ରତି ଜିଲାର ନାମ, କ୍ଷେତ୍ରଫଳ ଓ ଲୋକସଂଖ୍ୟା ଦିଆଗଲା ।

ଜିଲାର ନାମ	କ୍ଷେତ୍ରଫଳ	ଲୋକସଂଖ୍ୟା
କଟକ	୪,୨୨୪ ବର୍ଗମାଇଲ	୨୫,୨୯,୨୪୪
ବାଲେଶ୍ୱର	୨,୪୬୨ ,, ,,	୧୧,୦୬,୦୧୨
ପୁରୀ	୪,୦୦୧ ,, ,,	୧୫,୭୨,୨୬୨
ସମ୍ବଲପୁର	୬,୭୬୭ ,, ,,	୧୩,୦୧,୮୦୪
ଗଞ୍ଜାମ	୪,୮୩୫ ,, ,,	୧୬,୨୪,୮୨୯
କୋରାପୁଟ	୯,୮୭୫ ,, ,,	୧୨,୬୯,୫୩୪
ଢେଙ୍କାନାଳ	୪,୧୮୧ ,, ,,	୮,୩୯,୨୪୧
କେନ୍ଦୁଝର	୩,୨୧୧ ,, ,,	୫,୮୮,୪୪୧
ବଉଦ-ଫୁଲବାଣୀ	୪,୨୭୦ ,, ,,	୪,୫୬,୮୯୫
ବଲାଙ୍ଗୀର	୩,୪୪୪ ,, ,,	୯,୧୭,୮୭୫
ସୁନ୍ଦରଗଡ଼	୩,୭୫୫ ,, ,,	୫,୫୨,୨୦୩
କଳାହାଣ୍ଡି	୫,୦୮୬ ,, ,,	୮,୫୮,୭୮୧
ମୟୂରଭଞ୍ଜ	୪,୦୨୫ ,, ,,	୧୦,୨୮,୮୨୫
ମୋଟ	୬୦,୧୩୬ ,, ,,	୧,୪୬,୪୫,୯୪୬

Digitized by PPRACHIN, SOA

ଓଡ଼ିଶାର ମୋଟ ସହର ସଂଖ୍ୟା ୭୮ ଓ ନଗର ଗୋଟିଏ (କଟକ) ମାତ୍ର । ଲୋକସଂଖ୍ୟା ମଧ୍ୟରୁ ୯୭,୭୧,୨୫୨ ଅନୁନ୍ନତ ଜାତିର ଲୋକ ଅଛନ୍ତି । ଓଡ଼ିଶାର ଗ୍ରାମସଂଖ୍ୟା ୫୦,୯୮୬ ଅଟେ ।

ପ୍ରାକୃତିକ ଗଠନ—ଓଡ଼ିଶାର ପଶ୍ଚିମ ପାଖ ଦକ୍ଷିଣ-ଭାରତ ମାଳଭୂମିର ଏକ ଅଂଶ । ସେହିପରି ପୂର୍ବପାଖ ସମୁଦ୍ର ଉପକୂଳସ୍ଥିତ ଏକ ସମତଳ ଅଂଶ । ପ୍ରଦେଶର ଅଧିକାଂଶ ସ୍ଥାନ ପାହାଡ଼ିଆ ।

ଚତୁଃସୀମା—ଓଡ଼ିଶାର ଉତ୍ତରରେ ବିହାର ପ୍ରଦେଶ, ଦକ୍ଷିଣରେ ମାନ୍ଦ୍ରାଜ, ପୂର୍ବରେ ବଙ୍ଗୋପସାଗର ଓ ପଶ୍ଚିମରେ ମଧ୍ୟପ୍ରଦେଶ ଅବସ୍ଥିତ ।

ପ୍ରାକୃତିକ ବିଭାଗ—ଓଡ଼ିଶାକୁ ଦୁଇଟି ପ୍ରାକୃତିକ ଭାଗରେ ବିଭକ୍ତ କରାଯାଇପାରେ ; ମାଳଭୂମି ଓ ସମତଳ ଭୂମି ।

ମାଳଭୂମି—ଓଡ଼ିଶାର ପୂର୍ବ ଉପକୂଳର କିଛି ଅଂଶ ଛାଡ଼ିଦେଲେ ବାକି ଅଂଶର ଅନେକ ସ୍ଥାନ ମାଳଭୂମି ପୂର୍ବଗଡ଼ଜାତ ଅଞ୍ଚଳଗୁଡ଼ିକ ମାଳଭୂମିମଧ୍ୟରେ ଅବସ୍ଥିତ । ଏଥିରେ ଅନେକ ନଦୀ, ପାହାଡ଼, ପର୍ବତ, ଅରଣ୍ୟ, ଜଳପ୍ରପାତ ପ୍ରଭୃତି ରହିଅଛି । ବର୍ତ୍ତମାନ ମାଛକୁଣ୍ଡ ନଦୀର ଡୁଡୁମା ପ୍ରପାତରୁ ବିଦ୍ୟୁତ୍-ଶକ୍ତି ଉତ୍ପାଦନ କରିବା ବ୍ୟବସ୍ଥା କରାଯାଉଅଛି । ମାଳଅଞ୍ଚଳରେ ଖରାଦିନେ ଅତ୍ୟନ୍ତ ଗରମ ଓ ଶୀତଦିନେ ଅଧିକ ଶୀତ ଅନୁଭୂତ ହୁଏ । ମାଳଭୂମିରେ ଅଧିକ ଫସଲ ହୁଏ ନାହିଁ । କେବଳ ନଦୀ ଉପତ୍ୟକାରେ ଫସଲ ହୁଏ । ଏହି ମାଳ ଅଞ୍ଚଳରେ ନାନା ପ୍ରକାର ଖଣିଜ ସମ୍ପଦ ପୂର୍ଣ୍ଣ ହୋଇ ରହିଅଛି । ବର୍ତ୍ତମାନ କେତେକ ସ୍ଥାନରୁ କୋଇଲା, ଲୁହା ପ୍ରଭୃତି ବାହାର କରାଗଲାଣି । ଭବିଷ୍ୟତରେ ଆହୁରି ଅନେକ ଖଣିଜଦ୍ରବ୍ୟ ବାହାର ଓଡ଼ିଶାର

Digitized by PPRACHIN, SOA

ଆର୍ଥିକ ଅବସ୍ଥାରେ ଏକ ପରିବର୍ତ୍ତନ ଆଣିବ ବୋଲି ବୈଜ୍ଞାନିକ-
ମାନେ ମତ ଦେଇଛନ୍ତି ।



[ଓଡ଼ିଶାର ପ୍ରାକୃତିକ ବିଭାଗ]

ସମତଳ—ମାଳ ଅଞ୍ଚଳ ତୁଳନାରେ ସମତଳ ଅଞ୍ଚଳର ପରିମାଣ ଖୁବ୍ କମ୍ । ଏହାର ମାଟି ଖୁବ୍ ଉର୍ବର । ତେଣୁ

Digitized by PPRACHIN, SOA

ଏହି ସମତଳ ଅଞ୍ଚଳରେ ବହୁ ପରିମାଣରେ ଫସଲ ଉତ୍ପାଦନ କରାଯାଏ । ପାହାଡ଼ିଆ ଅଞ୍ଚଳରୁ ନଦୀମାନେ ଉର୍ବର ମୃତ୍ତିକା ବୋହି ଆଣି ଏହି ସମତଳ ଅଞ୍ଚଳରେ ପକାଇ ଏହାକୁ ଉର୍ବର କରାଉ-ଛନ୍ତି । ମାତ୍ର ଅନେକ ସମୟରେ ଏହି ନଦୀମାନଙ୍କ ଯୋଗୁଁ ଓଡ଼ିଶାର ସମତଳ ଅଞ୍ଚଳ ଭୟଙ୍କର କ୍ଷତିଗ୍ରସ୍ତ ହୁଏ । ବନ୍ୟା ସମୟରେ ଅତିରିକ୍ତ ଜଳ ଶୀଘ୍ର ଖଲାସ ହୋଇ ନ ପାରି ନଦୀ ବନ୍ଧରେ ଘାଇ ସୃଷ୍ଟି କରି ଗାଁଗଣ୍ଡା ଭସାଇନିଏ ଓ ଫସଲ ନଷ୍ଟ କରିଦିଏ ।

ସମତଳ ଅଞ୍ଚଳରେ ଅଧିକସଂଖ୍ୟକ ଲୋକ ବାସ କରନ୍ତି । କାରଣ ଏଠାରେ 'ଅଳ୍ପ ଖର୍ଚ୍ଚ ଓ ଅଳ୍ପ ପରିଶ୍ରମରେ ଅଧିକ ଉତ୍ପାଦନ କରିହୁଏ । ସମତଳ ଅଞ୍ଚଳର ଜଳବାୟୁ ସ୍ୱାସ୍ଥ୍ୟକର । ଗମନାଗମନର ସୁବିଧା ସମତଳ ଅଞ୍ଚଳରେ ବେଶୀ । ମାଳ ଅଞ୍ଚଳରେ ଭୂମିର ଅସମାନତା ଯୋଗୁ ରେଳରାସ୍ତା ବା ପକ୍କାରାସ୍ତା କରିବା କଷ୍ଟକର ଓ ବ୍ୟୟସାଧ ଅଟେ ।

ଜଳବାୟୁ—ଭାରତର ଅଳ୍ପ ଦକ୍ଷିଣରେ ବିଷୁବରେଖା ଅବସ୍ଥିତ । ଏଣୁ ଭାରତ ଗ୍ରୀଷ୍ମପ୍ରଧାନ ଦେଶ ଅଟେ । ଓଡ଼ିଶା ପ୍ରଦେଶଟି ଭାରତ ୟୁନିୟନର ମାଳଭୂମି ଓ ଉପକୂଳସ୍ଥ ସମତଳ-ଭୂମିର ଅଂଶ ଅଟେ । ମାଳ ଅଞ୍ଚଳରେ ଗ୍ରୀଷ୍ମ ଓ ଶୀତ ଅଧିକ ଅନୁଭୂତ ହୁଏ । ମାତ୍ର ସମତଳ ଭୂମିରେ ଗ୍ରୀଷ୍ମ ଋତୁରେ ଗ୍ରୀଷ୍ମ କମ୍ ଓ ଶୀତ ଋତୁରେ ଶୀତ କମ୍ ଜଣା ପଡ଼େ ।

ସାଧାରଣତଃ ଓଡ଼ିଶାରେ ୩ ଗୋଟି ଋତୁ ବିଶେଷଭାବରେ ଅନୁଭୂତ ହୋଇଥାଏ, ଯଥା—ଗ୍ରୀଷ୍ମ, ବର୍ଷା ଓ ଶୀତ । ଗ୍ରୀଷ୍ମ ଋତୁ

Digitized by PPRACHIN, SOA

ମାର୍ଚ୍ଚଠାରୁ ଜୁନ ପର୍ଯ୍ୟନ୍ତ, ବର୍ଷାଋତୁ ଜୁଲାଇଠାରୁ ଅକ୍ଟୋବର ପର୍ଯ୍ୟନ୍ତ ଓ ଶୀତଋତୁ ନଭେମ୍ବରରୁ ଫେବୃୟାରୀ ପର୍ଯ୍ୟନ୍ତ ରହେ । ଓଡ଼ିଶାର ଉତ୍ତାପ ଖରାଦିନେ ୧୧୭ ଡିଗ୍ରୀ ଓ ଶୀତ ଦିନେ ୫୭ ଡ଼ିଗ୍ରୀ ପର୍ଯ୍ୟନ୍ତ ହୋଇଥାଏ ।

ସାଧାରଣତଃ ଜୁନ ମଧ୍ୟଭାଗରୁ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ଓଡ଼ିଶାରେ ବର୍ଷା ହେଉଥାଏ । ଜୁଲାଇ ଓ ଅଗଷ୍ଟ ମାସରେ ବେଶୀ ପରିମାଣରେ ବୃଷ୍ଟିପାତ ହୁଏ । ଅକ୍ଟୋବର ମାସ ଶେଷ ଆଡ଼କୁ ବର୍ଷେ ବର୍ଷେ ଉପକୂଳ ଅଞ୍ଚଳରେ ପ୍ରବଳ ଝଡ଼ ତୋଫାନ ହେବାର ଦେଖାଯାଏ । ଅନେକ ସମୟରେ ଅକ୍ଟୋବର ମାସ ଶେଷ ଆଡ଼କୁ ପ୍ରଚୁର ବୃଷ୍ଟି ହୋଇ ଫସଲ ନଷ୍ଟ କରିଦିଏ । ଏହାପରି କ୍ରମେ ଜଳବାୟୁ ପରିବର୍ତ୍ତିତ ହେବାର ଦେଖାଯାଉଛି । ଓଡ଼ିଶାର ହାରାହାରି ବୃଷ୍ଟିପାତର ପରିମାଣ ପ୍ରାୟ ୫୫ ଇଞ୍ଚ ।

ବାଲେଶ୍ୱର ଓ କଟକ ଜିଲ୍ଲାର କେତେକ ଅଞ୍ଚଳ ସନ୍ତସନ୍ତିଆ ଥିବାରୁ ବହୁ ପରିମାଣରେ ମେଲେରିଆ ଜ୍ୱର ହୁଏ । ପୁରୀ ଓ ଗଞ୍ଜାମର ଜଳବାୟୁ ସ୍ୱାସ୍ଥ୍ୟକର । ପୁରୀ ଓ ଗୋପାଳପୁର ସହର ସମୁଦ୍ରକୂଳରେ ଅବସ୍ଥିତ ଥିବାରୁ ଏ ଦୁଇ ସ୍ଥାନର ଜଳବାୟୁ ସ୍ୱାସ୍ଥ୍ୟ ପକ୍ଷରେ ଉତ୍ତମ ଅଟେ । ଏହା ବ୍ୟତୀତ ଭୁବନେଶ୍ୱର, ରମ୍ଭା, ଛତ୍ରପୁର, ଢେଙ୍କାନାଳର କପିଳାସ ଓ କଟକ ଜିଲ୍ଲାର ଚଣ୍ଡିଖୋଲ ମଧ୍ୟ ସ୍ୱାସ୍ଥ୍ୟକର ସ୍ଥାନ ଭାବରେ ପରିଚିତ ।

ପ୍ରଶ୍ନ

୧ । ଓଡ଼ିଶାକୁ କ'ଣ କ'ଣ ପ୍ରାକୃତିକ ବିଭାଗରେ ବିଭକ୍ତ କରାଯାଇ ପାରେ ? ପ୍ରତ୍ୟେକ ବିଭାଗର ସଂକ୍ଷିପ୍ତ ବିବରଣ ଦିଅ ।

Digitized by PPRACHIN, SOA

୨ । ଓଡ଼ିଶାର ଗଡ଼ଜାତଗୁଡ଼ିକ କେବେ ଓଡ଼ିଶାରେ ମିଶିଲା ?
୩ । ଓଡ଼ିଶାରେ କେଉଁ କେଉଁ ସ୍ଥାନର ଜଳବାୟୁ ଖୁବ୍ ଭଲ ? କାହିଁକି ?

ନବମ ଅଧ୍ୟାୟ

ଓଡ଼ିଶାର ମାଟି

ଓଡ଼ିଶାରେ ସାଧାରଣତଃ ଚାରି ପ୍ରକାର ମାଟି ଦେଖାଯାଏ, ଯଥା:— ପଟୁ, ମଟାଳ, ଦୋରସା ଓ ବାଲି ।

ପଟୁ—ନଦୀ ପଠାମାନଙ୍କରେ ପଟୁମାଟି ବେଶୀ ପରିମାଣରେ ଦେଖାଯାଏ । ଏହି ପଟୁମାଟି ଅତ୍ୟନ୍ତ ଉର୍ବର ଓ ଏହାର ରଙ୍ଗ ଅଳ୍ପ ପାଉଁଶିଆ । ଏହି ମାଟିରେ କୋଳଥ, ସୋରିଷ, ଧୂଆଁପତ୍ର, ଆଖୁ, ଗହମ ଇତ୍ୟାଦି ଫସଲ ଖୁବ୍ ଭଲ ହୁଏ । ଏହାଛଡ଼ା ବାଇଗଣ, କଖାରୁ, ମୂଳା, କଲରା ଇତ୍ୟାଦି ପରିବା ପ୍ରଚୁର ପରିମାଣରେ କରାଯାଏ ।

ମଟାଳ—ଏ ପ୍ରକାର ମାଟି ଅତ୍ୟନ୍ତ କଠିନ । ଏହା ହଠାତ୍ ଶୁଖି ଫାଟିଯାଏ । ପାଣି ପଡ଼ିବା ମାତ୍ରେ ଏହା ଲହୁଣୀପରି ନରମ ହୋଇଯାଏ । ଏଥିରେ ଆଦୌ ବାଲିଅଂଶ ନ ଥାଏ । ଏହା ଓଦାଥିବା ସମୟରେ ଚାଷ କରାଯାଏ । ଏହିପ୍ରକାର ମାଟିରେ ଶାରଦ ଧାନ ଓ ମୁଗ ଭଲ ହୁଏ । ଆମ ପ୍ରଦେଶରେ ଏହି ପ୍ରକାର ମାଟି ବେଶୀ ଦେଖାଯାଏ ।

Digitized by PPRACHIN, SOA

ଦୋରସା—ମଟାଳ ଓ ବାଲି ମିଶିଥିବା ମାଟିକୁ ଦୋରସା ମାଟି କହନ୍ତି । ଏ ପ୍ରକାର ମାଟିରେ ବଆଳି ଧାନ, ହରଡ଼ ଓ କୋଳଥ ପ୍ରଭୃତି ଭଲ ହୁଏ । ଆଖୁ, ନଳିତା ଓ ବିଲାତିଆଳୁ ଚାଷ ଏହିପ୍ରକାର ମାଟିରେ ମଧ୍ୟ ହୋଇଥାଏ । ବିଲାତିଆଳୁ ଚାଷ କ୍ରମେ ଅଧିକ ପରିମାଣରେ ଆମ ପ୍ରଦେଶରେ ହେଲାଣି ।

ବାଲି—ଏପ୍ରକାର ମାଟିରେ ବାଲି ଖୁବ୍ ବେଶୀ ଓ ମାଟିର ପରିମାଣ ଅତି ଅଳ୍ପ ଥାଏ । ଏ ମାଟି ନିତାନ୍ତ ଅନୁର୍ବର । ଏଥିରେ ଧାନ ଫସଲ ହୁଏ ନାହିଁ । ଚିନାବାଦାମ, କନ୍ଦମୂଳ ପ୍ରଭୃତି ଏଥିରେ ଭଲ ହୁଏ । ଏପ୍ରକାର ମାଟିରେ ବାଉଁଶ, ଆମ୍ବ ପ୍ରଭୃତି ଗଛ ଲଗାଇ ବଗିଚା କଲେ ଅଧିକ ଲାଭ ମିଳେ ।

ପ୍ରଶ୍ନ

୧ । ଓଡ଼ିଶାରେ କେତେ ପ୍ରକାର ମାଟି ଦେଖାଯାଏ ?

୨ । ତୁମ୍ଭେ ଶାରଦ ଧାନ ଓ ମୁଗ ଚାଷ କରିବାକୁ ଇଚ୍ଛାକଲେ କି ପ୍ରକାର ମାଟିରେ କରିବ ?

୩ । ବାଲିଆ ମାଟିରେ କି କି ପ୍ରକାର ଫସଲ ହୋଇପାରେ ?

ଦଶମ ଅଧ୍ୟାୟ

ଓଡ଼ିଶାର ଫସଲ ଓ ଜଳସେଚନ

ଓଡ଼ିଶାକୁ ପ୍ରଧାନତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଯଥା—ସମତଳ ଅଞ୍ଚଳ ଓ ପାହାଡ଼ିଆ ଅଞ୍ଚଳ । ସମତଳ

Digitized by PPRACHIN, SOA

ଅଞ୍ଚଳରେ ଧାନ, ମୁଗ, ବିରି, କୋଳଥ, ଚଣା, ଆଖୁ, କପା, ନଳିତା, ଛଣପଟ ପ୍ରଭୃତି ଫସଲ ହୁଏ । ଏହା ଛଡ଼ା ରାଶି, ସୋରିଷ, ଚିନାବାଦାମ, ପେଶି, ଜଡ଼ା ପ୍ରଭୃତି ତୈଳବୀଜ ମଧ୍ୟ ଚାଷ କରାଯାଏ । ସ୍ଥାନେ ସ୍ଥାନେ ଧୂଆଁ ପତ୍ରର ଚାଷ ମଧ୍ୟ ହୁଏ ।

[ଝୋଟକଟା]

ଟାହାଡ଼ିଆ ଅଞ୍ଚଳରେ ଗହମ, ମକା, ବାଜରା, ମାଣ୍ଡିଆ ବେଶୀ ପରିମାଣରେ ଉତ୍ପନ୍ନ ହୁଏ । ଧାନ, ମୁଗ, ବିରି ପ୍ରଭୃତି କେତେକ ସ୍ଥାନରେ ଚାଷ କରାଯାଇଥାଏ । କେତେକ ସ୍ଥାନରେ କନ୍ଦ ଓ

Digitized by PPRACHIN, SOA

ଡାଅରମାନେ ଜଙ୍ଗଲ ପୋଡ଼ି ସଫାକରି ସେଠାରେ ଚାଷ କରନ୍ତି । ଯେଉଁ ସ୍ଥାନରେ ଝରଣାର ସୁବିଧା ଥାଏ, ସେଠାରେ ଏହିପରି ଚାଷ ଅଧିକ ଲାଭଜନକ ଓ ସୁବିଧାଜନକ ହୁଏ ।



[ଯୋଡ଼ା ଆନିକଟ]

ପାହାଡ଼ିଆ ଅଞ୍ଚଳରୁ ଅଧିକ ପରିମାଣରେ ଅରଣ୍ୟଲବ୍ଧ ଦ୍ରବ୍ୟ ସଂଗୃହୀତ ହୋଇଥାଏ; ଯଥା:—କାଠଗଣ୍ଡି, ବାଉଁଶ, ବେତ, ଖଇର, ଲାଖ, ଝୁଣା, ଶିଙ୍ଗ, ଚମଡ଼ା, ହାତୀଦାନ୍ତ, ମହୁ, ମହୁଲ, ରେଶମପୋଟି, ହରଡ଼ା, କୋଚିଲା ମଞ୍ଜି ଇତ୍ୟାଦି ।

ଆମ ପ୍ରଦେଶର ଫସଲ ବିଶେଷ ଭାବରେ ବୃଷ୍ଟିଜଳ ଉପରେ ନିର୍ଭର କରେ । ବୃଷ୍ଟି ନ ହେଲେ ଫସଲ ମରୁଡ଼ି ହୁଏ । ଅନ୍ୟ କୌଣସି ଉପାୟରେ ପାଣି ଯୋଗାଇ ପ୍ରଦେଶର ସବୁ ଅଞ୍ଚଳର କୃଷିକୁ ବଞ୍ଚାଇ ରଖିବା ସମ୍ଭବପର ହୋଇପାରେ ନାହିଁ ।

Digitized by PPRACHIN, SOA

ଓଡ଼ିଶାର ସମତଳ ଅଂଶରେ କେତେକ ସ୍ଥାନରେ ନଦୀ ମଧ୍ୟରେ ସୁଦୃଢ଼ ପଥରବନ୍ଧ (ଆନିକଟ) ପକାଇ ନଦୀଜଳକୁ ଅଟକାଇ କେନାଲଦ୍ୱାରା ବିଭିନ୍ନ ସ୍ଥାନକୁ ଜଳ-ଯୋଗାଯାଏ । କଟକଠାରେ ମହାନଦୀ ଓ ବିରୂପା ନଦୀରେ ଏହିପରି ଆନିକଟ କରି ନଦୀଜଳକୁ କେନାଲ ସାହାଯ୍ୟରେ ବିଭିନ୍ନ ସ୍ଥାନକୁ ନିଆଯାଇ କୃଷିକାର୍ଯ୍ୟ କରାଯାଏ । କଟକରେ ଯୋବ୍ରାଠାରୁ ତାଳଦଣ୍ଡା ନାଳ, ଚଉଦ୍ୱାରଠାରୁ ହାଇଲେଭଲ ନାଳ, ଜଗତପୁରଠାରୁ କେନ୍ଦ୍ରାପଡ଼ା ନାଳ ଓ କେନ୍ଦ୍ରାପଡ଼ା ନାଳରୁ ପଟାମୁଣ୍ଡାଇ ନାଳ ବାହାରି କଟକ ଜିଲ୍ଲାକୁ ଜଳ ଯୋଗାଉଅଛନ୍ତି । ଗଞ୍ଜାମର ଋଷିକୁଲ୍ୟା ନଦୀରେ ଆନିକଟ କରାଯାଇ କେନାଲ ଯୋଗେ ହିଞ୍ଜିଳି, ବ୍ରହ୍ମପୁର ଓ ଆସ୍କା ଅଞ୍ଚଳକୁ ଜଳ ଯୋଗାଇବାର ବ୍ୟବସ୍ଥା ଅଛି ।

ପାହାଡ଼ିଆ ଅଞ୍ଚଳର ମାଟି ପଥୁରିଆ ଓ ଅସମାନ; ଏଣୁ ଏ ଅଞ୍ଚଳରେ ନଦୀମାନଙ୍କରୁ କେନାଲ କରିବା ସମ୍ଭବପର ନୁହେଁ । ଏହି ଅଞ୍ଚଳମାନଙ୍କରେ ବଡ଼ବଡ଼ ପୋଖରୀରେ ପାଣି ରଖି ଆବଶ୍ୟକ ସମୟରେ କୃଷିକ୍ଷେତ୍ରରେ ମଡ଼ାଯାଏ । ପାର୍ବତ୍ୟ



[ପୋଖରୀରୁ ପାଣି ମଡ଼ାଇବା]

Digitized by PPRACHIN, SOA

ଝରଣାଗୁଡ଼ିକ ଅନେକ ସମୟରେ ଶସ୍ୟକ୍ଷେତ୍ରକୁ ଜଳ ଯୋଗାଇ-ଥାଏ । ସମ୍ବଲପୁରର ହୀରାକୁଦ ବନ୍ଧ ଯୋଜନା କାର୍ଯ୍ୟକାରୀ ହେଲେ ବହୁ ଅଞ୍ଚଳରେ ପାଣି ମଡ଼ା ଯାଇ ପାରିବ ଓ ଭଲ ଫସଲ ହେବ ।

ପ୍ରଶ୍ନ

୧ । ଓଡ଼ିଶାର କେଉଁ ଅଞ୍ଚଳରେ କି କି ଫସଲ ହୁଏ ?

୨ । ଓଡ଼ିଶାରେ କେଉଁ କେଉଁଠାରେ କେନାଲ ବା ନାଳ ଅଛି ? କେନାଲଦ୍ୱାରା ଆମର କି ଉପକାର ହୁଏ ?

୩ । କେନାଲଛଡ଼ା ଆଉ କି ଉପାୟରେ ପାଣି ମଡ଼ାଯାଏ ?

୪ । ହୀରାକୁଦ ବନ୍ଧ ହେଲେ ଆମର କି ଲାଭ ହେବ ?

ଏକାଦଶ ଅଧ୍ୟାୟ

ଓଡ଼ିଶାର ଖଣିଜଦ୍ରବ୍ୟ

ଓଡ଼ିଶାର ପାର୍ବତ୍ୟ ଅଞ୍ଚଳ ଖଣିଜସମ୍ପଦରେ ପୂର୍ଣ୍ଣ ହୋଇ ରହିଛି । ନାନା କାରଣରୁ ଆଜିଯାଏଁ ସେ ସବୁ ବାହାର କରି କାମରେ ଲଗାଇବା ସମ୍ଭବପର ହୋଇ ପାରିନାହିଁ । ଖଣିଜ-ପଦାର୍ଥମାନଙ୍କ ମଧ୍ୟରେ ଲୁହା, କୋଇଲା, ଅଭ୍ର, ମାଙ୍ଗାନିଜ ଓ ଗ୍ରାଫାଇଟ ପ୍ରଧାନ ।

ଲୁହା—ମୟୂରଭଞ୍ଜର ଗୋରୁମହିଷାଣୀ ଓ ବାଦାମ-ପାହାଡ଼ରୁ ପ୍ରଚୁର ଲୁହାମିଶା ପଥର ଯାମସେଦପୁରର ଟାଟା କମ୍ପାନୀକୁ ଯାଏ । ଏହା ବ୍ୟତୀତ କେନ୍ଦୁଝର **ବଡ଼ବିଲ**

Digitized by PPRACHIN, SOA

ପାହାଡ଼ରେ ୧୦୦ କୋଟି ଟନ୍ ଓ ସୁବର୍ଣ୍ଣରେଖାରେ ୪୦ କୋଟି ଟନ୍ ଲୌହଧାତୁ ଅଛି ବୋଲି ଅଟକଳ କରାଯାଇଛି । ଏହାକୁ



[ଟାଟା ଲୁହା କାରଖାନା ଲୁହା ତରଳାଇବା ଚୁଲ୍ଲୀ— ବ୍ଲାଷ୍ଟ ଫରନେସ୍]

ବ୍ୟବହାର କଲେ ୨ ହଜାର ବର୍ଷରେ ଶେଷ ହେବ ବୋଲି କୁହାଯାଇଛି । ଏହା ବ୍ୟତୀତ କୋରାପୁଟର ହୀରାପୁର ପାହାଡ଼ରେ ୧ କୋଟି ଟନ୍ ଲୁହାଧାତୁ ରହିଛି । (ଏକ ଟନ୍=୨୭ ମହଣ)

କୋଇଲା—ଢେଙ୍କାନାଳ ଜିଲ୍ଲାର ତାଳଚେରରେ ୧୫ କୋଟି ଟନ୍ କୋଇଲା ଅଛି । ଏହା ବ୍ୟତୀତ ସମ୍ବଲପୁର ଜିଲ୍ଲାର ରାମଗଡ଼ ଅଞ୍ଚଳରେ ୧୦କୋଟି ଟନ୍ କୋଇଲା ଅଛି । ଓଡ଼ିଶାରେ ପ୍ରତି ବର୍ଷ ପ୍ରାୟ ୩ ଲକ୍ଷ ଟନ କୋଇଲା ଉତ୍ପନ୍ନ ହୁଏ । ତାଳଚେରର କୋଇଲାଖଣିରୁ ଯେଉଁ କୋଇଲା ବାହାରେ, ତାହା

Digitized by PPRACHIN, SOA

ଇଞ୍ଜିନ ଚଳାଇବା ଓ ଅନ୍ୟାନ୍ୟ କାମରେ ଲାଗେ । ମାତ୍ର ତାଳଚେର ଛଡ଼ା ଅନ୍ୟ ସ୍ଥାନମାନଙ୍କର କୋଇଲାଖଣିର କାର୍ଯ୍ୟ ହୋଇନାହିଁ ।

[କୋଇଲାଖଣିର ଭିତରର ଦୃଶ୍ୟ—କଟାଳିର ମୁଣ୍ଡରେ ବିଜୁଳି ଆଲୋକ]

ଅଭ୍ର—କଟକ, ସମ୍ବଲପୁର, ଗଞ୍ଜାମ, କୋରାପୁଟ ଓ ଢେଙ୍କାନାଳ ଜିଲ୍ଲାମାନଙ୍କରେ ଅଭ୍ରଖଣି ରହିଛି ।

କ୍ରୋମାଇଟ୍—କେନ୍ଦୁଝର ଜିଲ୍ଲାର ବଉଳା ଜଙ୍ଗଲରେ ଏହାର ଖଣି ଅଛି ।

ଗ୍ରାଫାଇଟ୍—ଓଡ଼ିଶାରେ ଅତି ଉତ୍କୃଷ୍ଟ ଧରଣର ଗ୍ରାଫାଇଟ୍ ମିଳେ । ଏହା ପେନସିଲର ସୀସା ଏବଂ ରଙ୍ଗ ପ୍ରଭୃତି ତିଆରି

Digitized by PPRACHIN, SOA

କରିବା ପାଇଁ ଦରକାର ହୁଏ । ବଲାଙ୍ଗୀର, ପାଟଣାଗଡ଼, ଟିଟିଲାଗଡ଼, ଆଠମଲ୍ଲିକ, ରେଢ଼ାଖୋଲ ଅଞ୍ଚଳରେ ଏହା ମିଳେ ।

ମାଙ୍ଗାନିଜ—କେନ୍ଦୁଝର, ବାମଣ୍ଡା, କଳାହାଣ୍ଡିରେ ଏହାର ଖଣିମାନ ଅଛି ।

ଲାଇମଷ୍ଟୋନ (ଚୂନପଥର)—ଲୁହାମିଶା ପଥରରୁ ଲୁହା ବାହାର କରିବା ପାଇଁ ଓ ସିମେଣ୍ଟ ତିଆରି ପାଇଁ ଏହା ଦରକାର ହୁଏ । ଲାଇମଷ୍ଟୋନରୁ ଚୂନ ତିଆରିହୁଏ । ବିସ୍ରା ଚୂନକାରଖାନାରେ ଏଥିରୁ ଚୂନ ତିଆରି ହେଉଛି । ରାଜଗାଙ୍ଗପୁରଠାରେ ୬୦ ଲକ୍ଷ ଟନ୍ ଲାଇମଷ୍ଟୋନ ରହିଛି ।

ସିମେଣ୍ଟ—ରାଜଗାଙ୍ଗପୁରଠାରେ ଏହାର ଗୋଟିଏ ବଡ଼ କାରଖାନା ସ୍ଥାପିତ ହୋଇଅଛି ।

ଚାଇନାମାଟି—ସମ୍ବଲପୁର, କେନ୍ଦୁଝର ଓ ମୟୂର-ଭଞ୍ଜରେ ଏହା ମିଳେ ।

ଗ୍ଲାସସାଣ୍ଡ—ଏହି ପଦାର୍ଥରୁ କାଚ ଜିନିଷ ତିଆରି ହୁଏ । ସୁନ୍ଦରଗଡ଼, ମୟୂରଭଞ୍ଜ ଏବଂ କଟକର ନରାଜଠାରେ ଏହି ଜିନିଷ ମିଳେ । କଟକ ଜିଲ୍ଲାର ବାରଙ୍ଗଠାରେ ଗୋଟିଏ କାଚ-କାରଖାନା ପ୍ରତିଷ୍ଠିତ ହୋଇଅଛି ।

ମୁଗୁନିପଥର—ବାଲେଶ୍ୱର ଜିଲାର ନୀଳଗିରି ଅଞ୍ଚଳରେ ମୁଗୁନିପଥର ମିଳେ । ଏଥିରେ କାରିଗରମାନେ ସୁନ୍ଦର ବାସନ ତିଆରି କରନ୍ତି ।

Digitized by PPRACHIN, SOA

ପ୍ରଶ୍ନ

୧ । ଓଡ଼ିଶାରେ କ କ ଖଣିଜଦ୍ରବ୍ୟ ଅଛି ?

୨ । କୋଇଲାରେ କ କ କାମ ହୁଏ ?

୩ । ମୁଗୁନିପଥର, ଅଭ୍ର, ମାଙ୍ଗାନିଜ ଓ ଲୁହା ଓଡ଼ିଶାର କେଉଁ କେଉଁ ଠାରେ ମିଳେ ? ଏସବୁ ସାହାଯ୍ୟରେ କ କ ଜିନିଷ ହୁଏ ?

ଦ୍ୱାଦଶ ଅଧ୍ୟାୟ

ଓଡ଼ିଶାର ଶିଳ୍ପସମ୍ପଦ



[ସୂତାକଟା କଳ]

କାଗଜକଳ—ଓଡ଼ିଶାର କାଗଜକଳ ସମ୍ବଲପୁରର ବ୍ରଜରାଜନଗରରେ ଅଛି । ଏଠାରେ ବହୁ ପରିମାଣରେ କାଗଜ ତିଆରି ହୁଏ ।

Digitized by PPRACHIN, SOA

[କାଗଜକଳରେ କାଗଜ ମଣ୍ଡ ତିଆରି]

ଲୁଗାକଳ—କଟକର ଚଉଦୁଆରଠାରେ "ଓଡ଼ିଶା ଟେକ୍‌ସଟାଇଲ ମିଲ" ନାମକ ଏକ ଲୁଗାକଳ ସ୍ଥାପିତ ହୋଇ ଓଡ଼ିଶା ଓ ଓଡ଼ିଶା ବାହାରକୁ ଲୁଗା ଯୋଗାଉଅଛି । କପିଳାସ ରୋଡ଼ ନିକଟସ୍ଥ ଭଗତପୁରଠାରେ ଆଉ ଏକ ନୂଆ କଳ ସ୍ଥାପିତ ହେଉଅଛି ।

କାଚକାରଖାନା—କଟକ ଜିଲ୍ଲାର ବାରଙ୍ଗଠାରେ ଅଛି । ବ୍ରହ୍ମପୁରଠାରେ କାଚମାଳୀ ତିଆରି କରିବା କାରଖାନା ମଧ୍ୟ ଅଛି ।

ଚିନିକାରଖାନା—କଟକର ବାଙ୍କୀ, ଗଞ୍ଜାମର ଆସ୍କା ଓ କୋରାପୁଟ ଜିଲ୍ଲାରେ ଚିନିକାରଖାନାମାନ ଅଛି ।

Digitized by PPRACHIN, SOA

ଗେଞ୍ଜିକାରଖାନା—କଟକରେ ଓ ମୟୂରଭଞ୍ଜର ବାରିପଦାରେ ସ୍ଥାପିତ ହୋଇଅଛି ।

ସାବୁନ—ଖଡ଼ିଆଳ ରୋଡ଼ ଓ କଳାହାଣ୍ଡି ଜିଲ୍ଲାରେ ସାବୁନ ତିଆରି କାରଖାନା ଅଛି ।

ବାଲଟିକାରଖାନା—କଟକର ନୂଆବଜାରରେ ସ୍ଥାପିତ ହୋଇଅଛି ।

ଅଟା ଓ ଧାନକଳ—ପୁରୀ, ସାକ୍ଷୀଗୋପାଳ, ଜଟଣୀ, କଟକ, ବ୍ରହ୍ମପୁର, କୋରାପୁଟ ପ୍ରଭୃତି ବହୁ ସହରରେ ଓ ମଫସଲର ସ୍ଥାନେ ସ୍ଥାନେ ଏହି କଳମାନ ବସିଲାଣି ।

ତେଲକଳ ଓ ଚୂନକଳ—କଟକ, ବ୍ରହ୍ମପୁର ଓ ଅନ୍ୟ କେତେକ ସ୍ଥାନରେ ଅଛି ।

ବରଫକଳ—କଟକରେ ଓ ପୁରୀଜିଲ୍ଲାର କାଳୁପଡ଼ା ଓ ବାଲୁଗାଁରେ ବରଫକଳ ଅଛି ।

ହଆସିଲ୍—ଢେଙ୍କାନାଳ ଜିଲ୍ଲାର ତାଳଚେରଠାରେ ଏହାର କାରଖାନା ସ୍ଥାପିତ ହୋଇଅଛି ।

ଆଲୁମିନିୟମ—କଟକ ନିକଟବର୍ତ୍ତୀ ଜୋବ୍ରାଠାରେ ଏହାର କାରଖାନା ସ୍ଥାପିତ ହେବାର ବ୍ୟବସ୍ଥା ଚାଲିଛି ।

ପେପରମେଣ୍ଟ କାରଖାନା—ବ୍ରହ୍ମପୁରରେ ଏହାର କାରଖାନା ଅଛି ।

ସିମେଣ୍ଟ କାରଖାନା—ରାଜଗାଙ୍ଗପୁରଠାରେ ସିମେଣ୍ଟ ତିଆରି କରିବାର କାରଖାନା ଅଛି ।

ଡାଲଡା କାରଖାନା—ଛତ୍ରପୁରରେ ନଡ଼ିଆ ଓ ବାଦାମ ତେଲରୁ ଡାଲଡା ଘିଅ କରିବାର କାରଖାନା ଅଛି ।

Digitized by PPRACHIN, SOA

ପ୍ରଶ୍ନ

୧ । ଓଡ଼ିଶାରେ କେଉଁ କେଉଁ ଶିଳ୍ପର କାରଖାନା ଅଛି ?

୨ । (କ) ଧାତୁର କେଉଁ ସ୍ଥାନ ସହିତ (ଖ) ଧାତୁର କେଉଁ ଶିଳ୍ପର ସମ୍ବନ୍ଧ ଅଛି ?

(କ) ରାଜଗାଙ୍ଗପୁର, ଚଉଦ୍ୱାର, ତାଳଚେର, ଆସ୍କା, ବ୍ରଜରାଜନଗର ।

(ଖ) ଚିନି, ଲୁଗା, ଡଆସିଲ, ସିମେଣ୍ଟ, କାଗଜ ।

ତ୍ରୟୋଦଶ ଅଧ୍ୟାୟ

ଓଡ଼ିଶାର କୁଟୀରଶିଳ୍ପ

ହାତବୁଣା ଲୁଗା—ଓଡ଼ିଶାରେ ସବୁଆଡ଼େ ଊଣାଅଧିକେ ହାତବୁଣା ଲୁଗା ତିଆରି ହୁଏ । ସେଥି ମଧ୍ୟରେ କିଷନ୍‌ନଗର, ଗୁଲନଗର, ମାଣିଆବନ୍ଧୀ, କେନ୍ଦୁପାଟଣା, ରମ୍ପେଲ, କୁକୁଡ଼ାଖଣ୍ଡି, ପୁରୀଜିଲାର ତରାବୋଇ ଓ ଘୋରଡ଼ିଆରେ ବୁଣାହିବା ଲୁଗାର ବିଶେଷ ଆଦର ଦେଖାଯାଏ ।

ଟସର ଓ ମଠା—ବରପାଲି, ରେମୁଣା, ସମ୍ବଲପୁର, ତାରିପଦା, ଓଳସିଂହ ପ୍ରଭୃତି ସ୍ଥାନରେ ଉତ୍କୃଷ୍ଟ ଟସର ଓ ମଠା ଜିନିଷ ମିଳେ ।

ପାଟ—ବ୍ରହ୍ମପୁର ପାଟ ପାଇଁ ବିଖ୍ୟାତ । ଏହା ବ୍ୟତୀତ ମୟୂରଭଞ୍ଜ, କେନ୍ଦୁଝର, ବଡ଼ମ୍ବା, ଡିଗିରିଆରେ ମଧ୍ୟ ପାଟଲୁଗା ବୁଣାଯାଏ ।

Digitized by PPRACHIN, SOA

କଂସାବାସନ—କଟକର ଭଟିମୁଣ୍ଡା, ବାଲେଶ୍ୱରର ରେମୁଣା, ଢେଙ୍କାନାଳର ଭୁବନ, ପୁରୀଜିଲ୍ଲାର ବାଲକାଟୀ, ଭଇଁଚୂଆ, ଗଞ୍ଜାମର ବୋଇରାଣୀ, ପୁରୁଷୋତ୍ତମପୁର, ଖଣ୍ଡପଡ଼ାର କଣ୍ଟିଲୋ ଓ ପଦ୍ମାବତୀରେ ଉତ୍କୃଷ୍ଟ କଂସାବାସନ ପ୍ରସ୍ତୁତ ହୁଏ ।

ଶିଙ୍ଗକାମ—କଟକ ଓ ପାରଳାଖେମଣ୍ଡିରେ ହୁଏ । ପାରଳା ଶିଙ୍ଗକାମ ପାଇଁ ଭାରତପ୍ରସିଦ୍ଧ ।



[ତାରକସି କାମ]

ସୁନାରୁପାର ତାରକସି କାମ—କଟକ ସୁନାରୁପାର କାମ ପାଇଁ ଭାରତ ତଥା ବିଦେଶରେ ସୁପରିଚିତ । ଏହା ବ୍ୟତୀତ ପୁରୀ ଓ ବ୍ରହ୍ମପୁରରେ ଏହି କାର୍ଯ୍ୟ ସୁନ୍ଦର ଭାବରେ କରାଯାଏ ।

ସଉପମସିଣା—ବାଲେଶ୍ୱର ଜିଲ୍ଲାର ଜଳେଶ୍ୱରରେ ଉତ୍କୃଷ୍ଟ ସଉପମସିଣା ତିଆରି ହୁଏ ।

Digitized by PPRACHIN, SOA

ପ୍ରଶ୍ନ

୧ । ନିମ୍ନଲିଖିତ କୁଟୀରଶିଳ୍ପ ଓଡ଼ିଶାର କେଉଁ କେଉଁଠାରେ ହୁଏ ?
ଶିଙ୍ଗକାମ, ମଠାଲୁଗା, ସୁନାରୁପାର ତାରକସି କାମ, କଂସାବାସନ ।

୨ । ତୁମ୍ଭ ସହର ବା ଗ୍ରାମରେ କ କ କୁଟୀରଶିଳ୍ପ ହୁଏ ?

୩ । ତୁମ୍ଭେ ବ୍ୟବହାର କରୁଥିବା ଜିନିଷମାନଙ୍କ ମଧ୍ୟରୁ ଚାରୋଟି କୁଟୀରଶିଳ୍ପର ନାମ ଲେଖ ।

ଚତୁର୍ଦ୍ଦଶ ଅଧ୍ୟାୟ
ଓଡ଼ିଶାର ତୀର୍ଥସ୍ଥାନ



[ପୁରୀ ମନ୍ଦିର]

ପୁରୀ—ଏଠାରେ ଜଗନ୍ନାଥଙ୍କ ମନ୍ଦିର ଅଛି । ଏହା ସମଗ୍ର ଭାରତରେ ହିନ୍ଦୁମାନଙ୍କର ପ୍ରସିଦ୍ଧ ତୀର୍ଥସ୍ଥାନ ।

ଭୁବନେଶ୍ୱର—ଏଠାରେ ଲିଙ୍ଗରାଜ ମନ୍ଦିର ଓ ଆଉ ଅନେକ ଶିବମନ୍ଦିର ଅଛି । ଭୁବନେଶ୍ୱର ନିକଟସ୍ଥ ଖଣ୍ଡଗିରି

Digitized by PPRACHIN, SOA

ପୁନରାବୃତ୍ତିମୂଳକ ପ୍ରଶ୍ନ

୧ । ଓଡ଼ିଶା କେତୋଟି ଜିଲ୍ଲାରେ ବିଭକ୍ତ ? ସେଥିମଧ୍ୟରୁ କାହାର ଆୟତନ ସବୁଠାରୁ ବଡ଼ ଓ କେଉଁ ଜିଲ୍ଲାରେ ସବୁଠାରୁ ବେଶୀ ଲୋକ ବାସ କରନ୍ତି ?

୨ । ତୁମ ପ୍ରଦେଶ ଏଥି ପୂର୍ବରୁ କେଉଁ ପ୍ରଦେଶ ସଙ୍ଗେ ମିଶିଥିଲା ? କେବେ ସେହି ପ୍ରଦେଶଠାରୁ ଅଲଗା ହେଲା ?

୩ । ଓଡ଼ିଶା ଭାରତବର୍ଷର କେଉଁ କେଉଁ ପ୍ରାକୃତିକ ବିଭାଗର ଅନ୍ତର୍ଗତ ? ତୁମ ସ୍କୁଲଟି କେଉଁ ବିଭାଗରେ ଅଛି ?

୪ । ଶୂନ୍ୟସ୍ଥାନ ପୂରଣ କର :—

(କ)—ଓଡ଼ିଶାର ବୃହତ୍ତମ ନଦୀ ।

(ଖ)—ଓଡ଼ିଶାର ରାଜଧାନୀ ।

(ଗ) —ଓଡ଼ିଶା ଲାଟଙ୍କ ଗ୍ରୀଷ୍ମନିବାସ ।

(ଘ)—ଓଡ଼ିଶା ଲୋକଙ୍କର ପ୍ରଧାନ ଖାଦ୍ୟ ।

(ଙ)—ଓଡ଼ିଶାର ଅଧିକାଂଶ ଲୋକଙ୍କର ପ୍ରଧାନ ବ୍ୟବସାୟ ।

୫ । ତଳେ କେତେକ ସ୍ଥାନ ଓ କେତେକ ଶିଳ୍ପର ତାଲିକା ଦିଆ-ଯାଇଅଛି । କେଉଁ ସ୍ଥାନ ସହିତ କେଉଁ ଶିଳ୍ପର ସମ୍ପର୍କ ଅଛି ଦେଖାଇ ଦିଅ ।

ସ୍ଥାନ—କଟକ, ବାରଙ୍ଗ, ଆସିକା, କଣ୍ସିଲୋ, ଢଗିଶଆ, ପାରଳା, ଜଟଳଶ୍ୱର, ବ୍ରଜରାଜନଗର, ତାଳଚେର, ରାଜଗାଙ୍ଗପୁର ।

ଶିଳ୍ପ—ସଉପମସିଣା, ଶଙ୍ଖ, କଂସାବାସନ, ମଠା, ଡଆସିଲି, କାଚ, ସିମେଣ୍ଟ, ତାରକସି କାମ, ଶିଙ୍ଗକାମ, କାଗଜ ।

Digitized by PPRACHIN, SOA

୬ । କାରଣ ଦଅ:—

(କ) ସମ୍ବଲପୁରରେ ପୁରୀ ଅପେକ୍ଷା ବେଶୀ ଗରମ ଓ ବେଶୀ ଶୀତ ହୁଏ ।

(ଖ) ଓଡ଼ିଶାର ଲୋକେ ନଈବଢ଼ିକୁ ବେଶୀ ଭୟ କରନ୍ତି ।

(ଗ) ସାକ୍ଷୀଗୋପାଳରେ ନଡ଼ିଆ ଶସ୍ତା; କିନ୍ତୁ ଅନୁଗୁଳରେ ମହଙ୍ଗା ।

(ଘ) ତାଳଚେରକୁ ଗୋଟିଏ ଶାଖା ରେଳପଥ ପଡ଼ିଛି ।

(ଙ) ଓଡ଼ିଶାର ପାହାଡ଼ିଆ ଅଞ୍ଚଳରେ କେନାଲ ଦ୍ୱାରା ଜଳସେଚନ ହୁଏ ନାହିଁ ।

୭ । ଓଡ଼ିଶାର ଆଦିମ ଅଧିବାସୀମାନେ କେଉଁ ଅଞ୍ଚଳରେ ବାସ କରନ୍ତି ? ସେମାନଙ୍କର ଜୀବନଯାପନପ୍ରଣାଳୀ ବିଷୟ ଲେଖ ।

୮ । ଓଡ଼ିଶାରେ ଥିବା ଏକ ବାରବୁଲା ଜାତିର ବାସଗୃହ, ଖାଦ୍ୟ, ବ୍ୟବସାୟ ପ୍ରଭୃତି ବିଷୟ ଲେଖି ଜଣେ ସାଙ୍ଗ ପାଖକୁ ଖଣ୍ଡିଏ ପତ୍ର ଲେଖ ।

୯ । ରେମୁଣା, ବ୍ରହ୍ମପୁର, ମୟୂରଭଞ୍ଜ, କପିଳାସ, ପୁରୀ, ଅଷ୍ଟି, ଧୋରଡ଼ିଆ—ଏ ସ୍ଥାନଗୁଡ଼ିକ କାହିଁକି ପ୍ରସିଦ୍ଧ ଲେଖ ।

୧୦ । (କ) ଓଡ଼ିଶାରେ କି କି ଖଣିଜପଦାର୍ଥ ଅଛି ?

(ଖ) ନାଳଦ୍ୱାରା କୃଷିର କି ସୁବିଧା ହୁଏ ?

(ଗ) ତୁମ ପ୍ରଦେଶରେ ବର୍ଷାଋତୁର ଫସଲ ଓ ଶୀତଋତୁର ଫସଲମାନଙ୍କର ନାମ ଲେଖ ।

(ଘ) କୃଷି ବ୍ୟତୀତ ଓଡ଼ିଶାର ଲୋକେ ଆଉ କଣ କରନ୍ତି ?

(ଙ) ନଦୀପଠାମାନଙ୍କରୁ ଲୋକମାନେ କି ସୁବିଧା ପାଇ-ଥାଆନ୍ତି ।

Digitized by PPRACHIN, SOA

(ଚ) ତୁମ ପ୍ରଦେଶରେ କେଉଁ କେଉଁ ଅଞ୍ଚଳରେ ମାଛ ମରାଯାଏ ?

(ଛ) ଓଡ଼ିଶାର ଜଙ୍ଗଲରୁ କି କି ଜିନିଷ ଆମଦାନୀ ହୁଏ ?

୧୧ । ତୁମର ବାଲିଆ ଜମି କିଛି ଅଛି । ତୁମେ ତହିଁରେ କି ପ୍ରକାର ଫସଲ କଲେ ଭଲ ହେବ ?

ପରିଶିଷ୍ଟ

(୧) ଓଡ଼ିଶାର ନୂଆ ନୂଆ ଯୋଜନାସମୂହ

ଡୁଡୁମା ଯୋଜନା—କୋରାପୁଟ ଜିଲାର ମାଛକୁଣ୍ଡ ନଦୀରେ ଡୁଡୁମା ନାମରେ ଗୋଟିଏ ଅଦ୍ଭୁତ ଜଳପ୍ରପାତ ଅଛି । ଏହି ମାଛକୁଣ୍ଡ ନଦୀର କିଛି ଅଂଶ ଓଡ଼ିଶା ଓ ମାନ୍ଦ୍ରାଜର ସୀମାରୂପେ ରହିଅଛି । ଏହି ପ୍ରପାତରୁ ବର୍ତ୍ତମାନ ବିଦ୍ୟୁତ୍‌ଶକ୍ତି ବାହାର କରି ତା ସାହାଯ୍ୟରେ ଦୂରବର୍ତ୍ତୀ ସ୍ଥାନକୁ ଆଲୋକ ଯୋଗାଇବା ଓ ବିଭିନ୍ନ କଳକାରଖାନା ଚଳାଇ କରିବାର ବ୍ୟବସ୍ଥା କରାଯାଉଛି । ଏହି କାର୍ଯ୍ୟ ୧୯୪୭ ମସିହାରୁ ଆରମ୍ଭ ହୋଇ ୧୯୫୩ ମସିହାରେ ଶେଷ ହେବ ବୋଲି ଅଟକଳ କରାଯାଇଛି । ଏଥିରୁ ଯେଉଁ ପରିମାଣର ବିଦ୍ୟୁତ୍‌ଶକ୍ତି ମିଳିବ, ତହିଁରୁ ଶତକଡ଼ା ୫୦ ଭାଗ ଓଡ଼ିଶା ସରକାର ପାଇବାର କଥା; କିନ୍ତୁ ମାନ୍ଦ୍ରାଜରେ ବିଦ୍ୟୁତ୍‌ଶକ୍ତି ଅଧିକ ଆବଶ୍ୟକ ପଡ଼ୁଥିବାରୁ ଓଡ଼ିଶା ଉପଯୁକ୍ତ ସର୍ତ୍ତରେ ମାନ୍ଦ୍ରାଜକୁ ୯୯ ବର୍ଷ ସକାଶେ ୭୦ ଭାଗ ଦେଇ ନିଜେ ୩୦ ଭାଗ ନେବାର ସ୍ଥିର କରିଛି ।

Digitized by PPRACHIN, SOA

ମାନ୍ଦ୍ରାଜ ଓ ଓଡ଼ିଶା ସରକାର ମିଶି ଏହି ଯୋଜନାଟିକୁ କାର୍ଯ୍ୟକାରୀ କରୁଛନ୍ତି । ଏହିଠାରୁ ଓଡ଼ିଶାର ବ୍ରହ୍ମପୁର, ଜୟପୁର, ରାୟଗଡ଼ ପ୍ରଭୃତିକୁ ବିଜୁଳି ଯୋଗାଇ ଦିଆଯିବ । ଜୟପୁରଠାରୁ ଲାଇନ ଆସି ବୋରିଗୁମା, ନବରଙ୍ଗପୁର ଓ କୋରାପୁଟକୁ ଯିବ । ରାୟଗଡ଼ରେ ଥିବା ଚିନିକଳକୁ ବିଦ୍ୟୁତ୍ ଯୋଗାଇଦିଆଯିବ । ତା ପରେ ପାରଳାଖେମଣ୍ଡି, ଆସ୍କା, ଗୋପାଳପୁର, ଛତ୍ରପୁର, ରମ୍ଭା, ରସୁଲକୋଣ୍ଡାକୁ ଏହି ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯିବ । ୧୯୫୩ ମସିହା ଶେଷବେଳକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ହେବ ବୋଲି ଆଶା କରାଯାଏ ।

ହୀରାକୁଦ ଯୋଜନା — ଯୋଜନାଟିକୁ ଓଡ଼ିଶା ସରକାରଙ୍କ ତରଫରୁ ଭାରତ ସରକାରଙ୍କ "କେନ୍ଦ୍ର ଜଳଶକ୍ତି କମିଶନ" କାର୍ଯ୍ୟକାରୀ କରୁଛନ୍ତି । ଏହି ଯୋଜନା ଅନୁସାରେ ମହାନଦୀ ଉପରେ ସମ୍ବଲପୁରର ହୀରାକୁଦଠାରେ ଗୋଟିଏ ବନ୍ଧ ତିଆରି କରାଯିବ । ଏହାର ଦୈର୍ଘ୍ୟ ୧୫୭୦୦ ଫୁଟ ହେବ । ପ୍ରଧାନ ବନ୍ଧର ଦୁଇପାଖରେ ଦୁଇଟି ଖାଇ ଖୋଳାଯିବ । ଡାହାଣ ପାଖ ଖାଇର ଲମ୍ବ ୩୨୫୦୦ ଫୁଟ ଓ ବାମ ପାଖ ଖାଇର ଲମ୍ବ ୨୭୦୦୦ ଫୁଟ ହେବ ।

ଏହି ଯୋଜନା କାର୍ଯ୍ୟକାରୀ ହେଲେ ଓଡ଼ିଶାର ଚାରି ଆଡ଼କୁ ଶସ୍ତା ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯିବ । ଏହା ବ୍ୟତୀତ ବନ୍ୟାର ଦାଉ ବହୁ ପରିମାଣରେ କମିଯିବ । ୧୦ ଲକ୍ଷ ଏକର ଜମିରେ ପାଣି ମାଡ଼ି ବିଭିନ୍ନ କୃଷିକାର୍ଯ୍ୟ କରାଯାଇ ପାରିବ । ବର୍ଷ ସାରା ମହାନଦୀରେ ନୌଚାଳନ ସୁବିଧା ହେବ । ହୀରାକୁଦ ବନ୍ଧ

Digitized by PPRACHIN, SOA